ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.24 Bhubaneswar Wednesday March 01 2023 | ୨୬ତମ ବର୍ଷ ସଂଖ୍ୟା-୨୪ ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୦୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ବିଜେଡିର ମାଷ୍ଟରଷ୍ଟ୍ରୋକ୍: ଜୁଲାଇ ୧୨ ସୁଦ୍ଧା ସରିବ ରାଜ୍ୟରେ ଓବିସି ସର୍ଭେ

ଭୁବନେଶ୍ୱର,୨୮।୨(ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତିକ ଛକାପଞ୍ଝା ଓ ଉଷ୍ମତା ମଧ୍ୟରେ କ୍ଷମତାସୀନ ବିଜେଡି ସରକାର ଗତ ୨୦୨୧ ମେ' ମାସରୁ ସ୍ଥଗିତ ଥିବା ଓବିସି ସର୍ଭେକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଚଳିତବର୍ଷ ଜୁଲାଇ ୧୨ତାରିଖ ସୁଦ୍ଧା ରାଜ୍ୟରେ ଓବିସି ଗଣନାର ସମସ୍ତ ପ୍ରକ୍ରିୟା ଶେଷ ହେବ । ରାଜ୍ୟର ପ୍ରାୟ ୫୪ ପ୍ରତିଶତ ଲୋକ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ର ହୋଇଥିବାରୁ ସାଧାରଣ ନିର୍ବାଚନର କିଛି ମାସ ପୂର୍ବରୁ ଏହି ସର୍ଭେ ଶେଷ କରାଇ ଓବିସି ଭୋଟରଙ୍କୁ ସନ୍ତୁଷ୍ଟ କରିବାକୁ ଶାସକ ବିଜେଡିର ଏହା ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି । ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ୩୦ଟି ଜିଲ୍ଲାର ୩୧୪ ବ୍ଲକ ଓ ୧୧୪ଟି ପୌରାଂଚଳ(ମହାନଗର ନିଗମ ସମେତ)ରେ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଅର୍ଥନୀତିକ ସ୍ଥିତି ଜାଣିବା ପାଇଁ ସର୍ଭେ ଆରମ୍ଭ ହେବ । ଏହି ସମସ୍ତ ଗଣନା ପ୍ରକ୍ରିୟା ଚଳିତବର୍ଷ ଜୁଲାଇ ୧୨ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଶେଷ ହେବ । ଏଥିପାଇଁ ରାଜ୍ୟ ଓବିସି କମିଶନଙ୍କ ସଦସ୍ୟ ସଚିବ ଭି ଭି ଯାଦବ ଗତ ୨୪ତାରିଖରେ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶନାମା ଓ ଗାଇଡଲାଇନ୍ ଜାରି କରିଛନ୍ତି । ଏହାସହିତ ୬ଜଣ ଅତିରିକ୍ତ ସଚିବ ପାହ୍ୟାର ଅଫିସରଙ୍କୁ ୩୦ଟି ଜିଲ୍ଲାର ଜୋନାଲ ଅଫିସର ଦାୟିତ୍ୱ ନ୍ୟସ୍ତ ହୋଇଛି । ଆଜି ନିର୍ବାଚନ ଓ ଜନଗଣନାରେ ଅଭିଜ୍ଞତା ଥିବା ବରିଷ୍ଠ ଓଏଏସ୍ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ



ମଧ୍ୟ ଦିଆଯାଇଛି । ଆସନ୍ତା ସପ୍ତାହରେ ବ୍ଲକସ୍ତରରେ ସୁପରଭାଇଜର ଓ ଗଣନାକାରୀଙ୍କ ପାଇଁ ବିଡିଓ ଓ ତହସିଲଦାରଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ । ପଂଚାୟତରେ ଅଙ୍ଗନବାଡି କର୍ମୀ ଓ ସହରାଂଚଳରେ ୱାର୍ଡ ଅଫିସର, ଟ୍ୟାକ୍ସ କଲେକ୍ଟର ଆଦିମାନେ ଗଣନାକାରୀ କାର୍ଯ୍ୟ ତୁଲାଇବେ । ସେହିପରି ପ୍ରତ୍ୟେକ ୧୦ଜଣ ଗଣନାକାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ଜଣେ ଲେଖାଏଁ ସୁପରଭାଇଜର(ପଂଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନବାଡି ସୁପରଭାଇଜର, ମାର୍କେଟିଂ ଇନ୍ସପେକ୍ଟର, ସହରାଂଚଳର ଜୋନାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି ।ଚିହ୍ନଟ ହୋଇଥିବା ପ୍ରାଥମିକ ସ୍କୁଲ, ସରକାରୀ ଅନୁଷ୍ଠାନ, ସୁଲଭ ବିକ୍ରୟ କେନ୍ଦ୍ର ଆଦିରେ ଏହି ସର୍ଭେ କେନ୍ଦ୍ର ସ୍ଥାପନ କରାଯିବ । ପ୍ରତ୍ୟେକ ସର୍ଭେ କେନ୍ଦ୍ରରେ ୨ରୁ ୫ଜଣ ଲେଖାଏଁ ଗଣନାକାରୀ ରହିବେ । ଘରୋଇ ଡିଲର ଯେଉଁଠି ଥିବେ ସେହି କେନ୍ଦ୍ରରେ ଜଣେ ଲେଖାଏଁ ଗଣନାକାରୀ ରହିବେ । ନିର୍ଦ୍ଧାରିତ ଅବଧି ମଧ୍ୟରେ ଗଣନା କାର୍ଯ୍ୟ ନିର୍ଦ୍ଦିଷ୍ଟ ଫର୍ମାଟ (ଆଇସିଆର ଫର୍ମ)ରେ କରାଯିବ । ଏଥିପାଇଁ ପରିବାରର ମୁଖିଆଙ୍କ ପରିଚୟ ପ୍ରମାଣପତ୍ରରୁ ଗୋଟିଏ (ଆଧାର କାର୍ଡ, ଭୋଟର କାର୍ଡ, ପ୍ୟାନ କାର୍ଡ ଅବା ପାସପୋର୍ଟ) ରହିବା ଜରୁରୀ । ଏହି ସର୍ଭେ ସଂକ୍ରାନ୍ତ ତଥ୍ୟ ମଧ ଉଭୟ ଡିଜିଟାଲ ଓ ସାଧାରଣ ଫର୍ମରେ ପୂରଣ ହେବ । ଏହି ସର୍ଭେ ପ୍ରକ୍ରିୟା ଯେଭଳି ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ ହେବ ତାହା ଜିଲ୍ଲାପାଳ ଓ ମହାନଗର କମିଶନରମାନେ ବ୍ୟକ୍ତିଗତ ଭାବେ ପଦକ୍ଷେପ ନେବା ସହ ସୁନିଶ୍ଚିତ କରିବେ । ଏପ୍ରିଲ-ମେ' ମାସରେ ଏହି ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇ ଜୁଲାଇ ୧୨ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବ । ଚଳିତବର୍ଷ ଜାନୁୟାରୀ ୨୫ତାରିଖରେ ରାଜ୍ୟ ମୁଖ୍ୟ ସଚିବ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଓ ମହାନଗର କମିଶନରଙ୍କୁ ଏହି ଓବିସି ସର୍ଭେ ପ୍ରକ୍ରିୟାକୁ କିଭଳି ନିର୍ଦ୍ଧାରିତ ଅବଧି ମଧ୍ୟରେ ଶେଷ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

## ବଜେଟ୍ ଅଧିବେଶନ ବେଳେ ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତକୁ ବିରୋଧୀ ଦଳ ନେତାଙ୍କ ନିନ୍ଦା

ଭୁବନେଶ୍ୱର,୨୮।୨(ପି.ଏନ): ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତକୁ ମୁଁ ନିନ୍ଦା କରୁଛି । ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ ରାଜ୍ୟ ପାଇଁ ଲଜ୍ୟାଜନକ ଖବର ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ।ମୁଖ୍ୟମନ୍ତ୍ରୀଙ୍କ ତଥାକଥିତ ମାନସ ପୁତ୍ରଙ୍କ ଉପରେ ଯେଉଁ ଧାରଣା ସାଧାରଣ ଲୋକଙ୍କ ଭିତରେ ତିଆରି ହୋଇଛି, ସେହି ଛବିକୁ ଠିକ୍ କରିବା ପାଇଁ ମୁମ୍ବାଇ ଗସ୍ତ ନୁହେଁ ତ ବୋଲି ସେ ପ୍ରଶ୍ନ କରିଛନ୍ତି । ଆଇନଶୃଙ୍ଖଳା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସୀମା ବିବାଦ ଓ ରାଜ୍ୟ ବଜେଟର ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ଚାଲୁଥିବା ସମୟରେ ବିଧାନସଭାରେ ଉପସ୍ଥିତ ନରହି ପ୍ରାୟୋଜିତ ପୁରସ୍କାର ହାତେଇବା ପାଇଁ ମୁଖ୍ୟମନ୍ତ୍ରୀ ତଥାକଥିତ ମାନସ ପୁତ୍ରଙ୍କ ସହ ମୁମ୍ବାଇ ଗସ୍ତ କରିବା ଗଣତନ୍ତ୍ର ପାଇଁ ଶୁଭ ଲକ୍ଷଣ ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି ।ବିରୋଧୀ ଦଳ ନେତା କହିଛନ୍ତି ଯେ ପାଂଚ ପାଂଚ ଥର ମୁଖ୍ୟମନ୍ତ୍ରୀ ହେଲା ପରେ ବି ତାଙ୍କ ଦାୟିତ୍ୱରେ ଥିବା ଗୃହ ବିଭାଗର ତଥ୍ୟନୁସାରେ ୨୦୨୨ରେ ରାଜ୍ୟରେ ୧୩୭୯ ହତ୍ୟା ଏବଂ ୩୧୮୪ ଧର୍ଷଣ କେସ୍ ରୁଜୁ ହୋଇଛି, ଏଥିରୁ ଜଣାପଡୁଛି ରାଜ୍ୟରେ ହାରାହାରି ୪ଟି ହତ୍ୟା ଏବଂ ୧୦ଟି ଧର୍ଷଣ ପ୍ରତ୍ୟେକ ଦିନ ଘଟୁଛି ।ଓଡ଼ିଶାରେ ନବଜାତ ଶିଶୁ ଓ ମହିଳାଙ୍କ ଅବସ୍ଥା ଭଲ ନାହିଁ । ତଥ୍ୟ ଅନୁଯାୟୀ, ଓଡ଼ିଶାର ୧୯ ପ୍ରତିଶତ ନବଜାତ ଶିଶୁଙ୍କର କମ ଓଜନ ରହିଥିବା ବେଳେ ୩୧ ପ୍ରତିଶତ ଶିଶୁ ପୁଷ୍ଟିହୀନର ଶୀକାର । ୧୮ ପ୍ରତିଶତ ଉଚ୍ଚତା କମ୍ ଓ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶିଶୁ ଓ ଗର୍ଭବତୀ ମହିଳା ରକ୍ତହୀନତାରେ ପୀଡିତ, ଯାହା ଚିନ୍ତାଜନକ । ଓଡ଼ିଶାରେ ସ୍ୱାସ୍ଥ୍ୟବସ୍ଥା ନ କହିଲେ ଭଲ । ଶିକ୍ଷା କ୍ଷେତ୍ରରେ ମଧ ସମାନ ଅବସ୍ଥା । ୨୦୨୨ରେ ଓଡ଼ିଶା ହାଇକୋର୍ଟରେ ଏକ ସତ୍ୟପାଠ ଆଧାରରେ ରାଜ୍ୟ ସରକାର ନିଜେ ଓଡିଶାରେ ୪୪ ପ୍ରତିଶତ ଡାକ୍ତର ପଦବୀ ଖାଲି ଥିବା ଜଣାଇଛନ୍ତି । ଏଥିରୁ ରାଜ୍ୟରେ ସ୍ୱାସ୍ଥ୍ୟବସ୍ଥା କେଉଁ ମାତ୍ରାରେ ଚାଲିଛି । ଆଜି ବି ଗର୍ଭବତୀ ମହିଳା ଖଟିଆରେ ବୁହା ହେଉଛନ୍ତି । ଦାନ ମାଝୀ ପରେ ବି କିଛି ଅଞ୍ଚଳରେ କାନ୍ଧରେ ଶବ ବୁହା ଘଟଣା ସାମ୍ନାକୁ ଆସୁଛି ।ପିଲାମାନଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିବା ବେଳେ ରାଜ୍ୟ ସରକାରଙ୍କ ଭୁଲ ନୀତି ପାଇଁ ଶିକ୍ଷକମାନେ ଆଜି ରାଜରାସ୍ତାରେ । ରାଜ୍ୟରେ ଶିକ୍ଷାର ଗତି କେଉଁ ଆଡେ, ଏଥିରୁ ଜଣାପଡୁଛି । ଓଡ଼ିଶାରେ ସୀମା ବିବାଦ ଘନଉଥିବା ବେଳେ ସୀମା ଅସୁରକ୍ଷିତ ଅଛି । ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ରାଜ୍ୟ ସରକାର ସୀମା ବିବାଦ ସମାଧାନର ବାଟ ବାହାର କରିପାରୁନଥିବା ବେଳେ ଆଜି ଆନ୍ତଃରାଜ୍ୟ ସମସ୍ୟା ମୁଣ୍ଡ ଟେକିଛି । ବୌଦ୍ଧ ଜିଲ୍ଲାର ଜାମଗାଡି ଗାଁର ଧରଣୀ ମେହେର ଧାନ ମଣ୍ଡିକୁ ଯାଇ ଧାନ ବିକିବା ପାଇଁ ଅପେକ୍ଷା କରି କରି ଧାନ ବିକ୍ରି ନ ହେବାରୁ ଚିନ୍ତାରେ ତାଙ୍କର ମୃତ୍ୟୁ ଘଟିଲା । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଏହି ଖବର ଅଛି କି ବୋଲି ବିରୋଧୀ ଦଳ ନେତା ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି ।

## ଏପ୍ରିଲ ୩ରେ ହିନ୍ଦୋଳ ଓ ଅତାବିରା ଏନଏସି ନିର୍ବାଚନ

ଭୁବନେଶ୍ୱର,୨୮।୨(ପି.ଏନ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଓ ବରଗଡ଼ ଜିଲ୍ଲାର ଅତାବିରା ଏନଏସିରେ ହେବ ନିର୍ବାଚନ। ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ୨ ଟି ଏନଏସିର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୨ ତାରିଖରେ ଶେଷ ହେବ। ଏଥିପାଇଁ ମାର୍ଚ୍ଚ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପରେ ମାର୍ଚ୍ଚ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ। ୧୬ରେ ପ୍ରାର୍ଥୀପତ୍ର ଯାଂଚ ପରେ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିହେବ। ଏପ୍ରିଲ ୩ ତାରିଖରେ ଭୋଟ୍ ଗ୍ରହଣ ହେବ ଏବଂ ଏପ୍ରିଲ ୫ରେ ଫଳାଫଳ ପ୍ରକାଶ ପାଇବ ।ଏହା ପୂର୍ବରୁ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ନେଇ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାଢୀ ସୂଚନା ଦେଇଛନ୍ତି ଯେ ଅତାବିରା ଅଧିସୂଚିତ କ୍ଷେତ୍ର ପରିଷଦର ସମୁଦାୟ ୧୨ ଗୋଟି ୱାର୍ଡର ୧୬ଗୋଟି ବୁଥ୍ ଥିବାବେଳେ ଭୋଟରଙ୍କ ସଂଖ୍ୟା ହେଉଛି ୧୩୫୨୦ ଜଣ । ସେହିପରି ହିନ୍ଦୋଳ ଅଧିସୂଚିତ କ୍ଷେତ୍ର ପରିଷଦର ସମୁଦାୟ ୧୬ ଗୋଟି ୱାର୍ଡର ୧୬ ଗୋଟି ବୁଥ୍ ରହିଥିବାବେଳେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୯୮୭୭ ଜଣ । ଉଭୟ ଅଧିସୂଚିତ କ୍ଷେତ୍ର ପରିଷଦର ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ଓ ଉଭୟ କ୍ଷେତ୍ର ପରିଷଦର ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇରହିଛି । ଉଭୟ ଅଧିସୂଚିତ କ୍ଷେତ୍ର ପରିଷଦରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ କାଉନ୍ସିଲର ଏବଂ ଅଧ୍ୟକ୍ଷ ପଦ ନିମନ୍ତେ ପ୍ରାର୍ଥୀ ପତ୍ର ଦାଖଲ କରିବେ ସେମାନେ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ସଂପତି ଓ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ସତ୍ୟପାଠ ଦାଖଲ କରିବେ। ଅସଂପୂର୍ଣ୍ଣ ସତ୍ୟପାଠ କିମ୍ବା ସତ୍ୟପାଠ ଦାଖଲ ନକରିବା ଦ୍ୱାରା ସଂପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ନାକଚ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ଯଦି କେହି ମିଥ୍ୟା ସତ୍ୟପାଠ ଦାଖଲ କରିବା ଜଣାଯାଏ, ସେମାନଙ୍କ ବିରୁଦ୍ଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ରାଜ୍ୟ ନିର୍ବାଚନ ଆୟୋଗ ପ୍ରାର୍ଥୀପତ୍ର ମନୋନୟନ ପ୍ରମାଣପତ୍ର ସହିତ ଜାତିଗତ ପ୍ରମାଣପତ୍ର ଦାଖଲ ବାଧ୍ୟତାମୂଳକ କରିଛନ୍ତି । ଯେଉଁ ପ୍ରାର୍ଥୀମାନେ ସଂରକ୍ଷିତ ସ୍ଥାନରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି, ସେମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ର ମନୋନୟନ ପତ୍ର ସହ ଦାଖଲ କରିବେ, ନଚେତ ସେମାନଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯିବ ଓ ନିର୍ବାଚନ ଫିସ୍ ରେ ଛାଡ଼ ପାଇଁ ସେମାନେ ବିବେଚିତ ହେବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ବୈଠକରେ ସୂଚନା ଦେଇଛନ୍ତି । କାଉନ୍ସିଲର ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୫୦ ହଜାର ଟଙ୍କା ଓ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ନିର୍ବାଚନୀ ଖର୍ଚ୍ଚ ୨ ଲକ୍ଷ ଟଙ୍କା ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି । ନିର୍ବାଚନ ସମୟରେ କାଉନ୍ସିଲର ପଦ ନିମନ୍ତେ ଜଣେ ପ୍ରାର୍ଥୀ (ତିନି ଚକିଆ ଓ ଚାରିଚକିଆ ଯାନ) ମୋଟରେ ୨ ଗୋଟି ଯାନ ବ୍ୟବହାର କରିପାରିବେ ଓ ଅଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଲଢୁଥିଲେ ଜଣେ ପ୍ରାର୍ଥୀ (ଦୁଇ ଚକିଆ ଓ ଚାରିଚକିଆ ଯାନ) ମୋଟରେ ୪ ଗୋଟି ଯାନ ବ୍ୟବହାର କରିପାରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି ।

## ଆଜିଠୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର,୨୮।୨(ପି.ଏନ): ଆସନ୍ତାକାଲି (ବୁଧବାର)ଠାରୁ ଆରମ୍ଭ ହେବାକୁ ଯାଉଛି ଯୁକ୍ତ ଦୁଇ ପରୀକ୍ଷା । ଚଳିତ ବର୍ଷ ୧୧ଶହ ୪୫ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩ ଲକ୍ଷ ୫୭ହଜାର ୯୪୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଯୁକ୍ତ ୨ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ରେ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରଥମ ଦିନରେ ମାତୃଭାଷାରେ ପରୀକ୍ଷା ଦେବେ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ। ଅପରପକ୍ଷରେ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସୋସିଆଲ ମିଡିଆରେ ପରୀକ୍ଷା ପ୍ରଶ୍ନପତ୍ର ଘୁରି ବୁଲୁଛି। ସୋସିଆଲ ମିଡିଆରେ ଘୁରିବୁଲୁଥିବା ନକଲି ପ୍ରଶ୍ନ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି ସିଏଚଏସ୍ଇ କର୍ତ୍ତୃପକ୍ଷ। ସୋସିଆଲ ମିଡିଆରେ ଛାତ୍ରଛାତ୍ରୀଙ୍କୁ ଠକିବା ପାଇଁ କିଛି ଅସାମାଜିକ ବ୍ୟକ୍ତି ଜାଲ ବୁଣିଛନ୍ତି । ନିଜ ପେଜ୍ର ଭ୍ୟୁ ବଢାଇବା ପାଇଁ ଏଭଳି ନକଲି ପ୍ରଶ୍ନ ପତ୍ର ଅପଲୋଡ୍ କରାଯାଉଛି। ସେସବୁ ବିଶ୍ୱାସ ନକରିବାକୁ ପରାମର୍ଶ ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷ। ଏନେଇ ସାଇବର ଥାନାର ସହଯୋଗ ମଧ ନିଆଯାଇଛି।

## ବିଧାନସଭା ଘେରାଉ ବେଳେ ଯୁବମୋର୍ଚ୍ଚା : ପୋଲିସ୍ ମୁହାଁମୁହିଁ

ଭୁବନେଶ୍ୱର,୨୮।୨(ପି.ଏନ): ମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ସତ୍ୟ ଉନ୍ମୋଚନ ଓ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବିଧାନସଭା ଘେରାଉ ଉଦ୍ୟମ କରାଯାଇଛି। ବିଜେପି ଯୁବମୋର୍ଚ୍ଚାର ବିଶାଳ ରାଲି ବିଧାନସଭା ଘେରାଉ ଲାଗି ଯାଉଥିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଛି। ଫଳରେ ଯୁବମୋର୍ଚ୍ଚା କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଛି। ଆନ୍ଦୋଳନକାରୀଙ୍କୁ ଘଉଡାଇବା ପାଇଁ ପୋଲିସ୍ ପକ୍ଷରୁ ଲାଠିମାଡ କରଯାଇଥିଲା। ସେହିପରି ଭିଡ ଭିତରୁ ପୋଲିସ୍ ଉପରେ ଅଣ୍ଡା ଓ ଟେକା ମାଡ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କେତେକ ବିଜେପି କର୍ମୀଙ୍କ ସମେତ ପୋଲିସ୍ କର୍ମଚାରୀ ଆହତ ହୋଇଥିବା ଜଣାଯାଇଛି। ବିଜେପି ଯୁବମୋର୍ଚ୍ଚାର ବିଶାଳ ରାଲିରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ହଜାର ହଜାର ପୁରୁଷ ଓ ମହିଳା କର୍ମୀ ଅଂଶ ଗ୍ରହଣ କରିଛନ୍ତି।

### ସରକାରୀ ଓ ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ, ବିଧାନସଭା ଅପରାହ୍ନ ୪ଟା ଯାଏ ସ୍ଥଗିତ

ଭୁବନେଶ୍ୱର, ୨୮।୨(ପି.ଏନ): ପ୍ରଥମେ ସରକାରୀ ଦଳ ଓ ପରେ ବିରୋଧୀ ଦଳର ବିଧାୟକ ମାନେ ବିଧାନସଭାରେ ହଟ୍ଟଗୋଳ କାରଣରୁ ବିଧାନସଭା ଅପରାହ୍ନ ୪ଟା ଯାଏ ସ୍ଥଗିତ ରହିଛି । ପ୍ରଶ୍ନକାଳ ସୁରୁଖୁରୁରେ ଚାଲିଥିବା ବେଳେ ଶୂନ୍ୟକାଳରେ ହଟ୍ଟଗୋଳ ହୋଇଥିଲା । ଫଳରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଅପରାହ୍ନ ୪ଟା ଯାଏ ସ୍ଥଗିତ ରଖିବାକୁ ଘୋଷଣା କରିଥିଲେ । ପ୍ରଶ୍ନକାଳ ସମାପ୍ତ ହୋଇ ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ରଙ୍କୁ କହିବାକୁ ଡାକିଥିଲେ ।

## ବିଜୁ ଜୟନ୍ତୀରେ ସାଇକେଲ ରାଲି: 'ନବୀନ ଓଡିଶା' ଗଠନ ପାଇଁ ବିଜେଡି କର୍ମୀ ଓ ନେତା ଦେବେ ପରୀକ୍ଷା

ଭୁବନେଶ୍ୱର,୨୮।୨(ପି.ଏନ): ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ଏବେ ସଂଗଠନକୁ ସକ୍ରିୟ କରିବା ସହ ଦଳୀୟ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ନିଷ୍ପତ୍ତି ନେଇଛି । ମାର୍ଚ୍ଚ ୫ ବିଜୁ ଜୟନ୍ତୀରେ ପ୍ରତି ନିର୍ବାଚନମଣ୍ଡଳୀରେ ପୂର୍ବାହ୍ନରେ ସାଇକେଲ ର?ାଲି ଓ ଅପରାହ୍ନରେ ସମୂହ ଦଳୀୟ ସଭା ଓ ଶପଥ ଗ୍ରହଣ ଉତ୍ସବ, ମାର୍ଚ୍ଚ ୯ରୁ ୧୭ ମଧ୍ୟରେ ସବୁ ନିର୍ବାଚନମଣ୍ଡଳୀରେ ମହିଳା ସମାବେଶର ଆୟୋଜନ ହେବ । ଆଉ ପ୍ରଥମଥର ପାଇଁ ବିଜେଡି କର୍ମୀ ଓ କର୍ମକର୍ତ୍ତଙ୍କ ମଧ୍ୟରେ ପ୍ରବନ୍ଧ,ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ । ମାର୍ଚ୍ଚ ୫ରୁ ୨୫ତାରିଖ ମଧ୍ୟରେ ସମୃଦ୍ଧ,ସଶକ୍ତ ଓ ସ୍ୱାଭିମାନୀ 'ନବୀନ ଓଡିଶା' ଗଠନ ଶୀର୍ଷକ ଏସବୁ ପ୍ରତିଯୋଗିତା କରିବା ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।ଆସନ୍ତା ମାର୍ଚ୍ଚ ୫ତାରିଖରେ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜନ୍ମ ଜୟନ୍ତୀରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଜେଡି ନିଷ୍ପତ୍ତି ନେଇଛି । ଦଳର




ସୁପ୍ରିମୋ ନବୀନ ପଟ୍ଟନାୟକ ଏନେଇ ବିଜେଡିର ସମସ୍ତ ବିଧାୟକ, ସାଂସଦ, ଜିଲ୍ଲା ସଭାପତି, ବ୍ଲକ ସଭାପତି ଓ ଦଳୀୟ କର୍ମକର୍ତ୍ତାମାନଙ୍କୁ ଚିଠି ଲେଖି ନିର୍ବାଚନମଣ୍ଡଳୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଓ ସହଯୋଗ କରିବାକୁ କହିଛନ୍ତି । ମାର୍ଚ୍ଚ ୫ ବିଜୁ ଜୟନ୍ତୀରେ ସକାଳ ୬ଟାରେ ପ୍ରଭାତ ଫେରୀ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଫଳ ବଂଟନ ଓ ଅନ୍ୟାନ୍ୟ ସମାଜସେବା କାର୍ଯ୍ୟ ହେବ। ସକାଳ ସାଢ଼େ ୮ଟାରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀରେ ଅତିକମରେ ୨୦୦ କର୍ମୀଙ୍କୁ ନେଇ ୫କିମି ପରିବ୍ୟାପ୍ତ ସାଇକେଲ ର୍ୟାଲି ଅନୁଷ୍ଠିତ ହେବ । ଅପରାହ୍ନ ୪ଟାରେ ନିର୍ବାଚନମଣ୍ଡଳୀ ସ୍ତରରେ ଦଳର ନିର୍ବାଚିତ ସଦସ୍ୟ, ଦଳୀୟ କର୍ମକର୍ତ୍ତା, କର୍ମୀ, ଛାମୁଆ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟ,ପୌରପାଳିକା ଓ ପଂଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ସାଧାରଣ ସଭା ହେବ । ସେଠାରେ ସମସ୍ତ ବିଜେଡି କର୍ମୀମାନେ ବିଜୁ ଜନତା ଦଳର ଶୃଙ୍ଖଳିତ ସଦସ୍ୟ ଭାବେ ଦଳୀୟ ଏକତା, ଶୃଙ୍ଖଳା ଓ ଅନୁଶାସନ ପାଳନ କରି ଓଡିଶାବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା, ଏକ ସମୃଦ୍ଧ,ସଶକ୍ତ ଓ ସ୍ୱାଭିମାନୀ 'ନବୀନ ଓଡିଶା' ଗଢ଼ିବା ନିମନ୍ତେ ଶପଥ ନେବେ। ଏହି ସଭାରେ ବିଜୁ ଆଦର୍ଶରେ ଅନୁପ୍ରାଣିତ ବର୍ଷିୟାନ ବ୍ୟକ୍ତିବିଶେଷଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ ।

## ମାଟ୍ରିକ୍‌ରେ କିସ୍‌ରୁ ୧୯ଶହ ପରୀକ୍ଷାର୍ଥୀ : ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆସାମ ଛାତ୍ରଛାତ୍ରୀ ସାମିଲ୍

ଭୁବନେଶ୍ୱର,୨୮।୨ (ପି.ଏନ): ଚଳିତବର୍ଷ କିସ୍‌ରୁ ମାଟ୍ରିକ୍ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେଉଥିବା ବେଳେ ଏଥିରେ କିସ୍‌ର ୧୯ଶହ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତବର୍ଷ ଓଡ଼ିଶା ବ୍ୟତୀତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆସାମ ରାଜ୍ୟର ଜନଜାତି ଛାତ୍ରଛାତ୍ରୀମାନେ କିସରେ ନାମ ଲେଖାଇ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ



୨ ପରୀକ୍ଷା ମାର୍ଚ୍ଚ ୧ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏଥିରେ କିସ୍‌ର ୧୫୮୦ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କଳାରେ ୬୩୫ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ବାଣିଜ୍ୟରେ ୪୫୭ ଏବଂ ବିଜ୍ଞାନରେ ୪୮୮ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ଅବ୍ୟବହିତ ପୂର୍ବରୁ ମଙ୍ଗଳବାର କିସ୍ ପରିସରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପରୀକ୍ଷାର୍ଥୀଙ୍କ ଶୁଭ କାମନା କରିବା ସହ ପିଲାଙ୍କୁ କଲମ ବଣ୍ଟନ କରି ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ଗତ କାଲି ମଧ ଶ୍ରୀ ସାମନ୍ତ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ କଲମ ବଣ୍ଟନ କରିବା ସହ ସେମାନଙ୍କ ସଫଳତା କାମନା କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିବେ ବୋଲି ଶ୍ରୀ ସାମନ୍ତ ଆଶା ପୋଷଣ କରିଛନ୍ତି। ଏହା ସହିତ ସମୟର ସଦୁପଯୋଗ କରିବା ପାଇଁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ପରୀକ୍ଷା ପରେ ମଧ ସମୟ ଅପଚୟ ନ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ମୂଳାପାଳ ପଂଚାୟତରେ ପିଡିଏସ ଚାଉଳରେ ପ୍ଲାଷ୍ଟିକ ଚାଉଳ

କୋରାଇ, ୨୮।୨(ପି.ଏନ): କୋରାଇ ବ୍ଲକ୍‌ର କେତେକ ପଂଚାୟତରେ ପିଡିଏସ ଚାଉଳ ଖାଇ ବହୁଲୋକ ଆକ୍ରାନ୍ତ ହୋଇଥିବା ଖବର ପ୍ରଚାରିତ ହେବା ପରେ ମୂଳାପାଳ ପଂଚାୟତରେ ଏବେ ଏହା ଦେଖିବାକୁ ମିଳିଛି । ମୂଳାପାଳ ଗ୍ରାମର ମହେଶ୍ୱର ସାମଲ ଏହି ଖାଦ୍ୟଖାଇ ଅସୁସ୍ଥ ହେବାର ଅଭିଯୋଗ କରିଛନ୍ତି । ବରପଦା ଗ୍ରାମରେ ଏହି ପିଡିଏସ ଚାଉଳରେ ଅପମିଶ୍ରିତ ପ୍ଲାଷ୍ଟିକ ଚାଉଳ ଦେଖିବାକୁ ମିଳିଛି । ଯାହାକୁ ନେଇ ସାଧାରଣରେ ଭୟ ଓ ଆଶଙ୍କା ଦେଖାଦେଇଛି । ଅପରପକ୍ଷେ ଏହା ଭିଟାମିନ ମିଶ୍ରିତ ଚାଉଳ ବୋଲି ରିଟେଲର ମହେଶ୍ୱର ଦାସ କହିଛନ୍ତି । ପ୍ରକାଶ ଯେ କୋରାଇ ବ୍ଲକର ମୂଳାପାଳ ପଂଚାୟତ ବରପଦା ଗ୍ରାମର କିଛି ଲୋକ ଚଳିତ ମାସର ରାସନ ଚାଉଳ ଆଣିଥିଲେ। ଚାଉଳ ଆଣିବା ପରେ ଭାତ କରିବା ପାଇଁ ଉକ୍ତ ଚାଉଳକୁ ପାଣିରେ ପକାଇବା ପରେ ସେଗୁଡିକ ଭାସିବା ଭଳି ଦେଖାଯାଇଥିଲା। ଚାଉଳରୁ ଭାତ ହେବା ତ ଦୁରର କଥା ସମସ୍ତ ଚାଉଳ ଜାଉ ହୋଇଯାଇଥିଲା। ଏନେଇ ସନ୍ଦେହ ଉପୁଜିବା ପରେ ଗ୍ରାମର ହିତାଧିକାରୀ ଉକ୍ତ ଚାଉଳକୁ ନିଆଁରେ ପୋଡିଥିଲେ ମଧ୍ୟ ତାହା ପ୍ଲାଷ୍ଟିକ ଭଳି ତରଳି ଯାଇଥିଲା। ଫଳରେ ସେଗୁଡିକ ପ୍ଲାଷ୍ଟିକ ଚାଉଳ ବୋଲି ଜଣାପଡିଥିଲା। ଏନେଇ ଭୟ ସଂଚାର ହେବାରୁ ଉକ୍ତ ଚାଉଳକୁ ମହିଳା ମାନେ ବାଛି ରୋଷେଇ କରୁଥିବା ଦେଖାଯାଇଛି । ବରପଦା ଗ୍ରାମର ବାସନ୍ତୀ ମାଝୀ, ରାଜ କିଶୋର ପରିଡା, ଅରୁଣ ମଳିକ, ହରିହର ମଳିକ, ନିଂଜନ ବେହେରା, ବାବୁରାମ ପରିଡା, ବଟକୃଷ୍ଣ ପରିଡା, ରତ୍ନାକର ବେହେରା, ଶିଶିର ଖଟୁଆ, କରୁଣା ମଳିକ , ରାଜେନ୍ଦ୍ର ମଳିକ ପ୍ରମୁଖ ସମାନ ଅଭିଯୋଗ ଆଣିଛନ୍ତି । ତେବେ ଘଟଣା ସମ୍ପର୍କରେ କୋରାଇ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଦିଆଯାଇଥିବା ଚାଉଳ ପ୍ଲାଷ୍ଟିକ୍ ନୁହେଁ ଭିଟାମିନ୍ ଚାଉଳ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଚଳିତ ୨୦୨୩ ମସିହା ଜାନୁଆରୀ ମାସରୁ ଏହି ଚାଉଳ ଲୋକଙ୍କୁ ଦିଆଯାଉଛି। ଏହି ଚାଉଳ ପୂର୍ବରୁ ରାଜ୍ୟର ୪ଟି ଜିଲ୍ଲାରେ ଦିଆଯାଉଥିବା ବେଳେ ଏବେ ସମଗ୍ର ରାଜ୍ୟରେ ଦିଆଯାଉଛି। ପ୍ରତି କେଜି ସାଧାରଣ ଚାଉଳରେ ଶହେ ଗ୍ରାମର ଭିଟାମିନ୍ ଯୁକ୍ତ ଚାଉଳ ମିଶାଇ ଲୋକଙ୍କୁ ଦିଆଯାଉଛି। ଅପପୃଷ୍ଟି ଦୁର କରିବା ଏବଂ ଲୋକଙ୍କୁ ଆବଶ୍ୟକ ଭିଟାମିନ୍ ଦିଆଯିବାକୁ ସରକାର ଏଭଳି ବ୍ୟବସ୍ଥା କରିଥିବା ବେଳେ ଏହା କୌଣସି ପ୍ଲାଷ୍ଟିକ ଚାଉଳ ନୁହେଁ ବୋଲି ଶ୍ରୀ ନାୟକ କହିଛନ୍ତି। ଉକ୍ତ ଚାଉଳ ଖାଇ ଝାଡାବାନ୍ତି ହେବାକୁ ଶ୍ରୀ ନାୟକ ଖଣ୍ଡନ କରିବା ସହିତ ଅନ୍ୟ କୌଣସି କାରଣରୁ ତାହା ହୋଇପାରେ ବୋଲି କହିଛନ୍ତି। ତେବେ ଆକ୍ରାନ୍ତ ବ୍ୟକ୍ତି ଏଥି ଯୋଗୁ ବା ଅନ୍ୟ କାରଣ ତାହା ତଦନ୍ତ ସାପେକ୍ଷ । ଅନ୍ୟପକ୍ଷରେ ଯଦି ଏହା ଭିଟାମିନ ଯୁକ୍ତ କରାଯାଇଛି ତାହା ସର୍ବସାଧାରଣରେ ପ୍ରଚାର ପ୍ରସାର କରାଯାଇନଥିବାରୁ ଏଭଳି ଘଟଣା ଦେଖିବାକୁ ମିଳିଛି ।

## ବାଣ କାରଖାନାରେ ବିସ୍ଫୋରଣ: ୨ ମୃତ, ୩ ଗୁରୁତର

ଭୁବନେଶ୍ୱର,୨୮।୨(ପି.ଏନ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଇଛାପୁର ଗାଁରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନେ ସେହି ଇଚ୍ଛାପୁର ଓ ଆଖାପାଖ ଅଞ୍ଚଳର ବୋଲି ଜଣାପଡିଛି । ମୃତକଙ୍କ ମଧ୍ୟରୁ ଜଣଙ୍କ ପରିଚୟ ମିଳିଛି। ତାଙ୍କ ନାଁ ଦିଲୁ ମହାନ୍ତି। ତାଙ୍କ ଘର ଇଛାପୁରରେ। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳିପାରି ନାହିଁ ।ସେହିପରି ୩ ଗୁରୁତରଙ୍କୁ



ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରୁ ୨ ଜଣଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହି ଦୁଇ ଜଣ ହେଉଛନ୍ତି ସୁଶାନ୍ତ ପୃଷ୍ଟି ଓ ଗୋପାଳପୁରର ଦୀନବନ୍ଧୁ ଦାସ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା,



ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।



# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ପ୍ରଚାରରେ ସୀମିତ ବସ୍ତିର ବିକାଶ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ



ରାଉରକେଲା (ପିଏନ୍): ବସ୍ତିରେ ପାଇପ୍ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୀର୍ଘଦିନ ହେଲା ପାଇପ୍ ବିଛାଯାଇଛି । ମାତ୍ର କେଉଁଠି ପାଣି ଆସୁଛି ତ ଆଉ କେଉଁଠି ପାଣି ଆଦୌ ଆସୁନାହିଁ । ଯେଉଁଠାରେ ପାଣି ଆସୁଛି ସେଠାରେ କେବେ ୨୦/୨୫ ମିନିଟ୍ ପାଇଁ ଆସୁଛି ତ ଆଉ କେବେ ୫/୧୦ ମିନିଟ୍ ପାଇଁ ଆସୁଛି । ପାଇପ୍ ଜଳ ଯୋଗାଣରେ ଏଭଳି ଅବ୍ୟବସ୍ଥା ରାଉରକେଲା ମହାନଗର ନିଗମ ଅ'ର୍ଗତ ୧୧ ନମ୍ବର ୱାର୍ଡର ମଧୁସୂଦନପାଲ୍ଲୀ, ବିବେକାନନ୍ଦ ବସ୍ତି ଓ ଫିଲ୍ଟର ହାଉସ୍ ବସ୍ତିରେ ଲାଗି ରହିଛି ବୋଲି କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି ଉକ୍ତ ଅଞ୍ଚଳ ପରିକ୍ରମା ସମୟରେ ବସ୍ତିବାସିନ୍ଦାମାନଙ୍କୁ ସାକ୍ଷାତ କରି ବସ୍ତିର ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ତେବେ ଜଳ ଯୋଗାଣରେ ଅବ୍ୟବସ୍ଥା ନେଇ ସମ୍ପୃକ୍ତ ବସ୍ତିର ବାସିନ୍ଦାମାନେ ତୀବ୍ର ଅସ'ୋଷ ପ୍ରକାଶ କରିଥିବା ବେଳେ ମହାନଗର ନିଗମ ତରଫରୁ ନାଳିଗୁଡିକ ନିୟମିତ ବ୍ୟବଧାନରେ ସଫା ହେଉନଥିବାରୁ ବସ୍ତିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି କହିଥିଲେ । ବିବେକାନନ୍ଦ ବସ୍ତିରେ ମହାନଗର ନିଗମ ତରଫରୁ କରାଯାଇଥିବା ଗୋଷ୍ଠୀ ଶୌଚାଳୟ ସଠିକ୍ ଭାବରେ ରକ୍ଷଣାବେକ୍ଷଣ ଓ ସଫେଇ ହେଉନଥିବାରୁ ଉକ୍ତ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ସହ ପରିବେଶକୁ ପ୍ରଦୂଷିତ କରୁଛି । ଏହି ଶୌଚାଳୟ ନିକଟରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ରର ଶିଶୁମାନେ ଏହି ଦୁର୍ଗନ୍ଧ ଦ୍ୱାରା ବିଶେଷ ପ୍ରଭାବିତ ହେଉଛ'ି । ଅଙ୍ଗନବାଡି କେନ୍ଦ୍ର ଗୃହର ମଧ ଆବଶ୍ୟକୀୟ ମରାମତି ହେଉନଥିବାରୁ ଏହାର ଚଟାଣ ସବୁ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳୁଛି । ଶୌଚାଳୟ ନିକଟରେ ନିର୍ମିତ ସୁବିଧା କେନ୍ଦ୍ର ଏହି ଦୁର୍ଗନ୍ଧ ଯୋଗୁ ବ୍ୟବହାର ହୋଇପାରୁ ନାହିଁ । ବିବେକାନନ୍ଦ ବସ୍ତିରେ ନିର୍ମିତ ନାଳି ମଧ ଠିକ୍ ଭାବେ ସଫା କରାଯାଉନଥିବା ବେଳେ ନାଳି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । ସେହିପରି ଫିଲ୍ଟର ହାଉସ୍ ବସ୍ତିରେ ମଧ କଂକ୍ରିଟ୍ ନାଳି ନିର୍ମାଣର ଆବଶ୍ୟକତା ଥିବାବେଳେ ମଧୁସୂଦନପାଲ୍ଲୀର ମୁଖ୍ୟରାସ୍ତାର ଗୋଟିଏ ପାର୍ଶ୍ୱରେ କଂକ୍ରିଟ୍ ନାଳି ନିର୍ମାଣ କରାଯାଇ ଅପରପାର୍ଶ୍ୱରେ ନାଳି ନିର୍ମାଣ ନ କରି ଛାଡି ଦିଆଯାଇଛି । ମଧୁସୂଦନପାଲ୍ଲୀର ଗଙ୍ଗାରାମ ବସ୍ତିରେ ଏକ ଗୋଷ୍ଠୀ ଶୌଚାଳୟ ନଥିବା ଏବଂ ବସ୍ତିର ଗରିବ ଶ୍ରେଣୀର ବାସିନ୍ଦାମାନେ ସ୍ୱଚ୍ଛ ଭାରତ ଅଭିଯାନ ଅ'ର୍ଗତ କାର୍ଯ୍ୟକ୍ରମରେ ବ୍ୟକ୍ତି ପାଇଖାନା ପାଇବାକୁ ସମର୍ଥ ହୋଇନଥିବାରୁ ଖୋଲା ପଡିଆରେ ଶୌଚ କରିବାକୁ ବାଧ ହେଉଛ'ି । ଅନୁରୂପ ଭାବେ ଉପରୋକ୍ତ ବସ୍ତି ଅଞ୍ଚଳରେ ଅନେକ ବୃଦ୍ଧବୃଦ୍ଧା ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ବେଳେ ଯେଉଁମାନେ ଭତ୍ତା ପାଉଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କର ଭତ୍ତା ବନ୍ଦ ହୋଇଯାଇଥିବା ପ୍ରକାଶ କରିଥିଲେ । ଅନୁରୂପ ଭାବେ ରାସନ କାର୍ଡ ମଧ ଅନେକ ଯୋଗ୍ୟ ବିବେଚିତ ଗରିବ ଲୋକ ପାଇନଥିବା ବେଳେ ଯେଉଁମାନେ ରାସନ କାର୍ଡ ପାଇଛନ୍ତି ସେମାନଙ୍କର କାର୍ଡ ମଧ ବିଭିନ୍ନ ସମୟରେ ଅଚଳ ହେବା ସହିତ କାର୍ଡରୁ ସଦସ୍ୟଙ୍କ ସଂଖ୍ୟା କଟି ଯାଇଥିବା ଅଭିଯୋଗ କରିଥିଲେ । ତେବେ ଉପରୋକ୍ତ ସମସ୍ୟାଗୁଡିକ ସମ୍ପର୍କରେ ଶ୍ରୀ ସେନାପତି ବସ୍ତିବାସୀଙ୍କ ଠାରୁ ଅବଗତ ହୋଇ ଏସବୁକୁ ବିଭାଗୀୟ ଅଧିକାରୀ ନିକଟରେ ଉପସ୍ଥାପନ କରିବେ ବୋଲି କହିଥିଲେ । ମହାନଗର ନିଗମ କର୍ତ୍ତୃପକ୍ଷ, ରାଜ୍ୟ ସରକାର ତଥା ସ୍ଥାନୀୟ ଶାସକ ଦଳର ନିର୍ବାଚିତ ଜନପ୍ରତିନିଧି ବସ୍ତି ବିକାଶକୁ ନେଇ ବଡ ବଡ ପ୍ରଚାର କରୁଥିଲେ ହେଁ ବାସ୍ତବ ଚିତ୍ର ଉପରୋକ୍ତ ବସ୍ତିଗୁଡିକୁ ଦେଖିଲେ ସ୍ୱଷ୍ଟ ବୁଝାପଡୁଛି ବୋଲି ଶ୍ରୀ ସେନାପତି କହିଛ'ି । ଏହି ପରିକ୍ରମା କାର୍ଯ୍ୟକ୍ରମରେ ପିସିସି ସଭ୍ୟ ସବୀର ହୁସେନ, ସାମାଜିକ ଗଣମାଧମର ସୁଧୀର ନାଥ, ସମ୍ପୃକ୍ତ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ସାହୁ, ଏସ୍.ଏନ୍. କ୍ରିଷ୍ଣା, ଯୁବନେତା ଅନୀଲ ଦାସ, ସେକ୍ ସମିର, ଋଷି ସାହୁ ପ୍ରମୁଖ ସାମିଲ୍ ହୋଇ ସମସ୍ତ ବସ୍ତି ଅଞ୍ଚଳ ବୁଲି ଦେଖିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ତରିଆ ପୋଖରୀ ପୁନରୁଦ୍ଧାର ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ !

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରିଆ ଗାଁ ନିକଟରେ ଥିବା ଏକ ପୁରୁଣା ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବ ଭିଜିଲାନ୍ସ । ଏହି ଚର୍ଚ୍ଚିତ ଘୋଟାଲାର ଖୋଳତାଡ଼ କରୁଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଏଠାରେ ଦୁର୍ନୀତିର ଗନ୍ଧ ବାରିବା ପରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏକ ଅପରାଧିକ ମାମଲା ରୁଜୁ କରି ୨୦୨୩ ଫେବ୍ରୁଆରୀ ୧୦ତାରିଖ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାପାଇଁ ଭିଜିଲାନ୍ସ ବିଭାଗକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଉଲ୍ଲେଖ ଯୋଗ୍ୟ, ୨୦୧୯/୨୦ ଆର୍ଥିକ ବର୍ଷରେ ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ତରିଆ ପଞ୍ଚାୟତ ନୂଆ ପୋଖରୀର ପୁନରୁଦ୍ଧାର ପାଇଁ ୨୪ ଲକ୍ଷ ୯୯ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ସେହିପରି ଏହି ସମୟରେ ଧର୍ମଶାଳା ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ତରିଆ ପଞ୍ଚାୟତ ନୂଆ ପୋଖରୀ ନାଁରେ ୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା । ସମାନ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ ବିଭାଗ ଏହି କାମ ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ୧୭ ଲକ୍ଷ ୬୫ ହଜାର ୪୪୨ ଟଙ୍କା ପୈଠ କରିଥିବା ବେଳେ ପଞ୍ଚାୟତ ସମିତି ପକ୍ଷରୁ ମଧ୍ୟ ୩ ଲକ୍ଷ ୪୬ ହଜାର ୫ଶହ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଥିଲା । ଏଠାରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସନ୍ଦେହ କରି ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଲ୍ୱାଇ-୭୧୯/୨୦୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୋଗର ତଦ' ଆରମ୍ଭ ହୋଇଥିଲା । ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ଦଳ ଧର୍ମଶାଳା ବ୍ଲକ, ଯାଜପୁର କ୍ଷୁଦ୍ର ଜଳସେଚନ ଡିଭିଜନ କାର୍ଯ୍ୟାଳୟ ଓ ତରିଆ ନୂଆପୋଖରୀ ନିକଟକୁ ଯାଇ ତଦନ୍ତ କରିଥିଲା । ତଦନ୍ତରେ ଖାତା ନଂ-୨୨୫ ଓ ପ୍ଲଟ୍ ନଂ-୧୫୧୮ରେ ଥିବା ତରିଆ ପଞ୍ଚାୟତ ନୂଆ ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଗୋଟିଏ ସମୟରେ ଦୁଇଟି ବିଭାଗ ପକ୍ଷରୁ ମୋଟ ୨୧ ଲକ୍ଷ ୧୧ହଜାର ୯୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା । ଅନ୍ୟପକ୍ଷରେ ଏଠାରେ ପଂଚାୟତ ତରଫରୁ କିଛି କାମ ନହୋଇ ଟଙ୍କା ଉଠାଇ ନିଆଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ଏହି ପୋଖରୀକୁ କେଉଁ ଉଦ୍ଦେଶ୍ୟରେ ପଂଚାୟତ ପକ୍ଷରୁ କାମ କରାଯାଇ ଟଙ୍କା ଉଠାଗଲା ଏହାକୁ ନେଇ ଅଭିଯୋଗକାରୀ ଶ୍ରୀ ବେହୁରା ପ୍ରଶ୍ନ ଉଠାଇଥିଲେ । ଏହି ଘୋଟାଲାରେ ଲୋକାୟୁକ୍ତ ତତ୍କାଳୀନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପିଇଓ ମହେଶ୍ୱର ମହାନ୍ତି ଓ ପୂର୍ବତନ ସରପଂଚ ସୁଶାନ୍ତ ସେଠୀଙ୍କୁ ଏହାର ଉତର ରଖିବାକୁ ନୋଟିସ୍ ଜାରି କରିଥିଲେ । ତେବେ ଏମାନେ ଦେଇଥିବା ସ୍ୱଷ୍ଟୀକରଣ ସନ୍ତୋଷଜନକ ହୋଇନଥିଲା । ଏଠାରେ ଏକ ବଡ଼ଧରଣର ଘୋଟାଲା ହୋଇଥିବା ସ୍ୱଷ୍ଟ ହେବାପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ବେହୁରା ସୂଚନା ଦେଇଛନ୍ତି । ଭିଜିଲାନ୍ସ ତଦନ୍ତ ପରେ ଏହି ଘୋଟାଲାରେ ସଂପୃକ୍ତ ଅଧିକାରୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଚର୍ଚ୍ଚା ଜୋର ଧରିଛି ।

# ସାନଖେମୁଣ୍ଡିରେ ଜାତୀୟ ପ୍ରେସ ଦିବସ ଧୁମଧାମରେ ପାଳିତ

ସାନଖେମୁଣ୍ଡି (ପିଏନ୍)-ନଭେମ୍ବର ୧୬ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ଠାରେ ପ୍ରେସ କ୍ଲବ୍ ପକ୍ଷରୁ ଏକ ଆଲୋଚନା ଚକ୍ରର ଆୟୋଜନ ସହ ଆମନ୍ତ୍ରିତ ଅଞ୍ଚଳ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ବରିଷ୍ଟ ବୁଦ୍ଧିଜୀବୀଙ୍କ ମିଳିତ ସମାବେଶର ଆୟୋଜନ ହୋଇଥିଲା । ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଆଜିର ପ୍ରେସ ଦିବସର ଅନୁଚିନ୍ତା ଏବଂ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ କରାଯାଇଥିବା ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସାମ୍ବାଦିକ, କ୍ଷୁଦ୍ର ଓ ମଧ୍ୟମ ବର୍ଗ ସମ୍ବାଦପତ୍ର ସଂଘ ସଭାପତି ତଥା ସାପ୍ତାହିକ ଓଡ଼ିଆ ସମ୍ବାଦପତ୍ର 'ନବୀନ' ର ସମ୍ପାଦକ ରବି ରଥ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ 'ପରିବର୍ତ୍ତନ' ଖବର କାଗଜ ସମ୍ପାଦକ ରମାକାନ୍ତ ପରିଜା ଏବଂ ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଦାସ ଯୋଗଦେଇ ସାଂପ୍ରତିକ ସମୟର ଗଣତାନ୍ତ୍ରିକ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବିକଳ ଚିତ୍ରରେ ପ୍ରତିନିଧିଙ୍କ ଭୂମିକାକୁ ନେଇ ନିଜ ନିଜ ଓଜସ୍ୱିନୀ ଅଭିବ୍ୟକ୍ତି ରଖିଥିଲେ । ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ଲାଘବ କରିବାକୁ ଥିବା ଗଣମାଧ୍ୟମଗୁଡ଼ିକ ସମ୍ପ୍ରତି ସରକାରୀ ଭାଟ ସାଜୁଥିବା କାରଣରୁ ସମ୍ବାଦପତ୍ର କ୍ଷେତ୍ରକୁ ଶିଳ୍ପରେ ପରିଣତ କରି କର୍ପୋରେଟଙ୍କୁ ସ୍ୱାଗତ କରିବା ଆଗାମୀ ଦିନର ଗଣତାନ୍ତ୍ରିକ ସାମାଜିକ ବ୍ୟବସ୍ଥାରେ ବିକଟ ଚିତ୍ର ପ୍ରଦାନ କରିବା ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ । ପ୍ରଶାସନିକ ଓ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ପ୍ରମୁଖ ସମ୍ବାଦପତ୍ର ନିଜର ସ୍ୱାର୍ଥ ହାସଲ ପାଇଁ ଗଣମାଧ୍ୟମକୁ ଉପଯୋଗ କରୁଥିବାରୁ ଚତୁର୍ଥ ସ୍ତମ୍ଭ କଳୁଷିତ ହେବା ସହ ସାମ୍ବାଦିକଙ୍କ ସମସ୍ୟା ଓ ସାମାଜିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅତଏବ ଏହି ସମସ୍ୟାର ସମାଧାନ ନେଇ ସଂଘୀୟ ବ୍ୟବସ୍ଥାର ବିକଳ୍ପ ରାସ୍ତା ଆପଣାଇବାକୁ ବର୍ଷୀୟାନ ସାମ୍ବାଦିକ ରବି ରଥ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ । ସମାଜର ସର୍ବନିମ୍ନ ବର୍ଗଙ୍କଠାରେ ଥିବା ସମସ୍ୟାର ସମାଧାନ ଦିଗରେ ସାମ୍ବାଦିକଙ୍କ ଭୂମିକା ରହୁଥିବାରୁ କର୍ମଜୀବୀ ସାମ୍ବାଦିକ ହିସାବରେ ଏହି ବର୍ଗଙ୍କ ହିତରେ ସର୍ବଦା କାମ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟ କ୍ରମରେ ପ୍ରେସ କ୍ଲବ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଅଞ୍ଚଳ ବୁଦ୍ଧିଜୀବୀ ଜନପ୍ରତିନିଧିଙ୍କ ମିଳିତ ସମାବେଶରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାୟତ୍ରୀ ଦତ୍ତ ନାୟକ, ତହସିଲଦାର ଡଃ ଶ୍ରୀନିବାସ ବେହେରା, ମୁଖ୍ୟ ବକ୍ତା ଭାବେ ପାଟପୁର ଥାନା ଭରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମଲ୍ଲ ମଞ୍ଚାସୀନ ରହି ଉପସ୍ଥିତ ବୁଦ୍ଧିଜୀବୀ ଜନ ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସମନ୍ୱୟକୁ ଗୁରୁତ୍ୱାରୋପ କରିଥିଲେ । ପ୍ରଶାସନ ସହ ଜନପ୍ରତିନିଧିଙ୍କ ମୌଳିକ ସମସ୍ୟାର ସମାଧାନ କ୍ଷେତ୍ରରେ ଗଣମାଧ୍ୟମର ସମୟ ଉପଯୋଗୀ ଖବର ପ୍ରସାରଣ ଗୁରୁତ୍ୱ ରଖିଥିବାରୁ ପ୍ରକୃଷ୍ଟ ତଥ୍ୟ ଭିତ୍ତିକ ଖବର ପ୍ରସାରଣର ମହତ୍ତ୍ୱକୁ ଅବତାରଣା କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଲୋକକଳା କଳାକାର ସଂଘ ସଭାପତି ତଥା ବରିଷ୍ଠ ଲୋକକଳା କଳାକାର ସନ୍ତୋଷ କୁମାର ପାଢ଼ୀ ନିଜ ବକ୍ତବ୍ୟରେ ପ୍ରେସ କ୍ଲବ ସଦସ୍ୟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ମହତ ଉଦ୍ଦେଶ୍ୟକୁ ନେଇ ସାଧୁବାଦ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ପ୍ରତିନିଧି ସଞ୍ଜୟ କୁମାର ନାହାକ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଅମିନ ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ, ରାଜୀବ ପାତ୍ର ପ୍ରମୁଖଙ୍କ ସହ ବହୁ ସରପଞ୍ଚ , ସମିତି ସଭ୍ୟଙ୍କ ସହ ଶତାଧିକ ଅଞ୍ଚଳ ବୁଦ୍ଧିଜୀବୀ ଉପସ୍ଥିତ ରହି ଆୟୋଜିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ପ୍ରେସ କ୍ଲବ ସାନଖେମୁଣ୍ଡି ପକ୍ଷରୁ ବରିଷ୍ଟ ସାମ୍ବାଦିକ ସନ୍ତୋଷ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପଦ୍ମଲୋଚନ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ଆରତ କୁମାର ହୋତା, ଶିବ ଶଙ୍କର ସ୍ୱାଇଁ, ରଘୁନାଥ ନାୟକ ପ୍ରମୁଖ ଅଂଶଗ୍ରହଣ ସହ ପରିଚାଳନା କରିଥିଲେ ।

# ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ କହିଥିଲେ ଯେ ନୌବାଣିଜ୍ୟର ସ୍ୱତନ୍ତ୍ର ସ୍ୱାକ୍ଷର ବହନ କରେ କେନ୍ଦ୍ରାପଡା । ନୌବାଣିଜ୍ୟର ପରମ୍ପରା ହୁକିଟୋଲା ଲାଇଟ ହାଉସ ଜାଗ୍ରତ ସ୍ୱାକ୍ଷର ଭାବରେ ବର୍ଷ ବର୍ଷ ଧରି ରହିଆସିଛି । କେନ୍ଦ୍ରାପଡା ବାଲିଯାତ୍ରା ଭବିଷ୍ୟତର ପ୍ରତିଭାଧରମାନଙ୍କୁ ଉନ୍ମୋଚନ କରିବାରେ ସହାୟକ ହେବ । କମିଟି ସଂପାଦକ ତଥା ସରକାରୀ ଓକିଲ ସଂଜୟ କୁମାର ଜେନା ଜିଲ୍ଲା ପ୍ରଶାସନର ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ କୃତଜ୍ଞତା ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଯୋଗଦେଇ ବାଲିଯାତ୍ରାର ସଫଳତା କାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପତ୍ରିକା ସଂପାଦକ ଶୁଭ୍ରାଂଶୁ କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଉପସଭାପତି ଧିରେନ୍ଦ୍ର କୁମାର ଦାସ, ସହ ସଂପାଦକ କିଶୋର ଚନ୍ଦ୍ର ପ୍ରଧାନ, ଶ୍ରୀଧର ମହାନ୍ତି, ସତ୍ୟବ୍ରତ ସିଂ, କବି କରୁଣାକର ଦାସ, ଅକ୍ଷୟପ୍ରିୟ ଦାସ, ଗଗନ ବିହାରୀ ଜେନା, ଟୁଟୁ ଗେରୁ, ଗବେଷକ ନିରଞ୍ଜନ ମେକାପ, ରମଣୀରଞ୍ଜନ ରାଉତରାୟ, ବିକ୍ରମ କେଶରୀ ରାଉତରାୟ, ରାଜୁ କୁବେର, ଶ୍ରୀଧର ଭୋଳ, ପ୍ରଦୀପ ବିହାରୀ, ସେକ ମତ୍ତୁ, ସେକ ଅଜିମୁଦ୍ଦିନ, ପଂଚାନନ ଦାସ, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ । ଗୋକୁଳଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ନୃତ୍ୟ, ମା ଚିଲିକାରାଣୀ ପାଇକ ଆଖଡା, ଖୋର୍ଦ୍ଧା ସମେତ ମେଲୋଡି ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରକମ୍ପିତ୍ ହୋଇ ଉଠିଥିଲା ବାଲିଯାତ୍ରା ପଡିଆ । ମହୋତ୍ସବରେ ଜନସାମଗମକୁ ଲକ୍ଷ୍ୟ ରଖି ଶାନ୍ତି, ଶୃଙ୍ଖଳା ରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ପଂଚମ ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯାଜପୁର ରୋଡ୍ ଏସ୍‌ଡ଼ିପିଓ ସଂଜୟ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି ମୁଖ୍ୟବକ୍ତା, କଟକର ସହକାରୀ ଆରକ୍ଷୀ କମିଶନର ଅମିତାଭ ମହାପାତ୍ର ଓ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷିତ ଯୁବକମାନେ ପୁସ୍ତକ ପଠନ ଓ ସାହିତ୍ୟ ପାଖରୁ ଦୂରେଇ ଯାଉଛନ୍ତି । ଯାହା ସମାଜ ପାଇଁ କ୍ଷତିକାରକ । ପାଠ୍ୟପୁସ୍ତକ ସହିତ ମନଛୁଆଁ ପୁସ୍ତକ ଦିଆଗଲେ ପିଲାମାନଙ୍କ ପଠନ ଅଭ୍ୟାସ ବୃଦ୍ଧିହେବ ବୋଲି ଅତିଥିମାନେ କହିଥିଲେ । ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ, ସମ୍ପାଦକ ରାକେଶ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ, ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ଶିକ୍ଷକ ମନୋଜ କୁମାର ରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ, ବିବେକାନନ୍ଦ ନାୟକ, କସ୍ତୁରୀ ଚରଣ ଜେନା, ସବ୍ୟସାଚୀ ବେହେରା, ଇନ୍ଦ୍ରମଣି ମହାନ୍ତି, ପ୍ରମୋଦ ସାମଲ, କୈଳାସ ମଲିକ, ମୁନା ଖାଁ ଓ ମଦନ ମୋହନ ନାୟକ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା କଂଗ୍ରେସ ତରଫରୁ ମୌଲାନା ଆଜାଦଙ୍କ ଜୟନ୍ତୀ ପାଳିତ



ରାଉରକେଲା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କଂଗ୍ରେସର ପୂର୍ବତନ ସଭାପତି ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମ ଜୟନ୍ତୀ ଗତ ୧୧ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମୌଲାନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି ବକ୍ତବ୍ୟ ରଖି ମୌଲାନା ଆଜାଦଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୌଲାନା ଆଜାଦ ସ୍ୱାଧୀନ ଭାରତର ନାଗରିକମାନେ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସେମାନଙ୍କ ମୌଳିକ ଶିକ୍ଷାର ଜରୁରୀ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ତେଣୁ ସେଥିପାଇଁ ମୌଳିକ ପ୍ରାଥମିକ ଶିକ୍ଷାକୁ ଦେଶବାସୀଙ୍କୁ ନିଶୁଳ୍କରେ ଯୋଗାଇ ଦେବା ପାଇଁ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାବେ ମୌଲାନା ଆଜାଦ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ବୋଲି ଶ୍ରୀ ସେନାପତି ପ୍ରକାଶ କରି ଶିକ୍ଷାରୁ ବଞ୍ଚିତ ଥିବା ଦେଶର ନାଗରିକଙ୍କୁ ଶିକ୍ଷିତ କରାଇବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଗଲେ ତାହା ମୌଲାନାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଳି ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ସବୀର ହୁସେନ ଓ ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର, ବନମାଳୀ ବିଶୋୟୀ, ଦିଲ୍ଲୀପ ଜେନା, ରୁକସାନା ବେଗମ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ବସ' ମହାଳିକ, ଶିବ ଚରଣ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରେହେମାନ ଖାନ, ସଂଖ୍ୟାଲଘୁ ଅଧ୍ୟକ୍ଷ ଇଜାଜ ଅଖତର ପ୍ରମୁଖ ଏହି ଅବସରରେ ମୌଲାନାଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିବା ବେଳେ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଧର୍ମଶାଳା ବ୍ଲକରେ ପୋଖରୀ ଓ ମନରେଗା ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ତଦନ୍ତ

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଚଳରେ ୨୦୧୯-୨୦ରେ ବ୍ୟାପକ ଦୃନୀତି ହୋଇଛି । ପୋଖରୀ ପୁନଃରୁଦ୍ଧାର ନାଁରେ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଛି । ଏହି ବ୍ଲକ ତରଞ୍ଜିଆ ପଂଚାୟତରେ ନୂଆ ପୋଖରୀ ନିର୍ମାଣରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଗଙ୍ଗାଧରପୁର ପଂଚାୟତ ଇନାମନଗରଠାରେ ହୋଇଥିବା ମନରେଗା ଯୋଜନାରେ ଦୁର୍ନୀତିର ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଏହି ଘଟଣାକୁ ଗୁରୁତର ସହ ନେଇ ଭିଜିଲାନ୍ସ ଘଟଣାସ୍ଥଳରେ ପଂହଚି ତଦନ୍ତ କରିଛି । ସୋମବାର ଦିନ ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶିଲ ଏକ୍କା ଓ ଇନିସ୍ପେକ୍ଟର ଅନୁଶୟା ସେନାପତୀଙ୍କ ନେତୃତ୍ୱରେ ଏକ ବୈଷୟିକ ଦଳ ଦମକଳ ବାହିନୀ ସହାୟତାରେ ତଙ୍ଗା ସାହାଯ୍ୟରେ ପୋଖରୀକୁ ଓହ୍ଲାଇ ମାପ ଚୁପ କରିବା ସହିତ ଗଙ୍ଗାଧରପୁର ପଂଚାୟତ ମନରେଗା ଯୋଜନାରେ ହୋଇଥିବା ରସ୍ତାକୁ ମଧ ମାପ ଚୁପ କରି ଫେରି ଯାଇଥିବା ଜଣାପଡିଛି । ସୂଚନା ମୁତାବକ,ଯାଜପୁର କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷରେ ତରଞ୍ଜିଆ ପଂଚାୟତରେ ଏମ୍‌ଆଇପି ନାମରେ ୨୪ଲକ୍ଷ ୯୯ ହଜାର ଟଙ୍କା ବ୍ୟୟ କରି ଖାତା ନଂ- ୨୨୫,ପ୍ଲଟ ନଂ- ୧୫୧୮, ୨ ଏକର ୦୮୦ ପରିମିତ ଜମିରେ ଏକ ପୋଖରୀ ନିର୍ମାଣ କରାଯାଇଛି । କିନ୍ତୁ ସେହି ଆର୍ଥିକ ବର୍ଷ ତରଞ୍ଜିଆ ପଂଚାୟତ ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ଅର୍ଥରୁ ୩ଲକ୍ଷ ୫୦ହଜାର ବ୍ୟୟ ଅଟକଳ କରି ୩ଲକ୍ଷ ୪୬ହଜାର ୫୦୦ ଟଙ୍କା ବ୍ୟୟରେ ସମାନ ସ୍ଥାନରେ ପୋଖରୀ ପୂନଃଉଦ୍ଧାର କରାଯାଇଥିବା ଦର୍ଶାଇ ସମସ୍ତ ଟଙ୍କା ହଡ଼ପ ହୋଇଥିବା ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଡାଇରେକ୍ଟର ଅଫ ଇନ୍‌କ୍ୱାରୀ ତଦନ୍ତରେ ଧରାପଡ଼ିବା ପରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଏହି ମାମଲାର ତଦନ୍ତ କରି ଏହି ବ୍ଲକର ଅବସରପ୍ରାପ୍ତ ତତ୍କାଳୀନ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାନ୍ତି,କାନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମହେଶ୍ୱର ମହାନ୍ତି,ତତ୍କାଳୀନ ସରପଂଚ ସୁଶାନ୍ତ ସେଠୀଙ୍କ ବିରୁଦ୍ଧରେ ବିଭିନ୍ନ ଦଫା ଲଗାଇ ଏକ ଫୌଜଦାରୀ ମାମଲା ରୁଜୁ କରିଛି । ସେହିପରି ଗଙ୍ଗାଧରପୁର ପଂଚାୟତ ଇନାମନଗର ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘରଠାରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ରେ ୨୦-୨୧ ଆର୍ଥିକ ବର୍ଷରେ ସାମିଲ କରାଯାଇଥିଲା । ୫୦୦ ମିଟର ରାସ୍ତା ପାଇଁ ୫ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି ରାସ୍ତା ନିର୍ମାଣରେ ୨ ଲକ୍ଷ ୯୪ ହଜାର ୩୩୬ ଟଙ୍କା ବିଲ୍ କରା କରାଯାଇଥିବା ବେଳେ କିନ୍ତୁ ବାସ୍ତବ କ୍ଷେତ୍ରରେ ମାତ୍ର ୨୩୯.୬୩ କ୍ୟୁବିକ ମାଟି ପକାଯାଇ ମାତ୍ର ୪୧ ହଜାର ୭୨୨ ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛଳ ବର୍ଗ ବ୍ୟକ୍ତିଙ୍କ ନାମରେ ଜବ୍ କାର୍ଡ କରାଯାଇ ବାକି ୨ ଲକ୍ଷ ୫୨ ହଜାର ୬୧୪ ଟଙ୍କା ହଡ଼ପ କରାଯାଇଥିବା ତଦନ୍ତ ପରେ ଧରା ପଡ଼ିଥିଲା ।

## ଟ୍ରାକ୍ଟର ଧକ୍କାରେ ଯୁବକ ଗୁରୁତର, ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି

ଧର୍ମଶାଳା,(ପି.ଏନ): ସୋମବାର ଅପରାହ୍ନ ସାଢେ ୪ଟା ସମୟରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ଯାଜପୁର ମେଡିକାଲରେ ଭର୍ତି ହୋଇଥିବା ଜଣାପଡିଛି । ଗୁରୁତର ଯୁବକ ଜଣକ ହେଲେ ଯାଜପୁର ବ୍ଲକ ସିଠାଳେଇ ଗ୍ରାମର ମାନଗୋବିନ୍ଦ ଜେନାଙ୍କ ପୁଅ ସମୀର(୨୮) ବୋଲି ଜଣାପଡିଛି । ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ନୁଣୁପୁରସ୍ଥିତ ଲୋକନାଥଶ୍ୱର ମନ୍ଦିର ନିକଟରେ ଏହି ଦୁର୍ଘଟଣା ଘଟିଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପଂହଚି ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିବା ଘଟଣାର ତଦନ୍ତ ଚଳାଇଛି ।ସୂଚନା ମୁତାବକ,ଆଜି ଅପରାହ୍ନରେ ସିଠାଳେଇ ଗ୍ରାମର ସମୀର ଏକ ହିରୋହୋଣ୍ଡା ବାଇକ୍(ଓଡି୦୪ଏଚ୩୩୮୩)ରେ ନୁଣୁପୁର ଗ୍ରାମକୁ ଏକ ନଳକୂପ ଖୋଳିବାକୁ ଆସୁଥିବା ବେଳେ ଲୋକନାଥଶ୍ୱର ମନ୍ଦିର ନିକଟରେ ବିପରୀତ ଦିଗରୁ ଦୃତ ଗତିରେ ଆସୁଥିବା ଏକ ନମ୍ବର ବିହିନ ଟ୍ରାକ୍ଟର ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି, ସାକ୍ରାଡିହି, ନଇବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି।। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦଧିବାମନଜିଉ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତ ନରସିଂହପୁରସ୍ଥ ଦଧିବାମନଜିଉ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏହି ଶିବରକୁ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ଚିତ ରଂଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । କଟକସ୍ଥିତ ସେଂଟ୍ରାଲ ରେଡକ୍ରସ ରକ୍ତ ଭଣ୍ଡାରର ବିଶେଷଜ୍ଞମାନେ ଯୋଗ ଦେଇ ରକ୍ତ ସଂଗୃହିତ କରିଥିଲେ ।

# ଗୋ ମହାତୀର୍ଥ ସୁରଭି ଜନ ଜାଗରଣ ମହାଯଜ୍ଞ ଆରମ୍ଭ

ଧର୍ମଶାଳା,(ପି.ଏନ): ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ କାକୁଡିକୁଦ ଓ ନୀଳକଣ୍ଠପୁର ଗ୍ରାମର ସତ୍ୟସାଇ ଖେଳ ପଡିଆରେ ୩ୟ ବାର୍ଷିକ ଗୋ ମହାତୀର୍ଥ ସୁରଭି ଜନ ଜାଗରଣ ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଯଜ୍ଞ ୫ ଦିନ ଧରି ଚାଲିବ । ଏହି ଅବସରରେ କାକୁଡିକୁଦ,ନୀଳକଣ୍ଠପୁର ଓ ସାନବାଗସାହି ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ । ଗୋଳକୁଣ୍ଡସ୍ଥିତ ବ୍ରହ୍ମଣୀ ନଦୀ ତଟରୁ କଳସକୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ପରେ ଯଜ୍ଞ ମଣ୍ଡପ ପ୍ରତିଷ୍ଠା କରାଯିବା ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା । ପରେ ପରେ ସୂର୍ଯ୍ୟ ପୂଜା,ଗୋପୂଜା ଓ ମଣ୍ଡଳ ପୂଜା ପରେ ଅଗ୍ନିକୁଣ୍ଡରେ ଅଗ୍ନୀ ସଂଯୋଗ ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଏହି କାର୍ଯ୍ୟକ୍ରମରେ ପୂଜାସ୍ୱାମୀ କ୍ରିଷ୍ଣାନନ୍ଦ ମହାରାଜ,ସଚ୍ଚିଦାନନ୍ଦ ଦାସ ମହାରାଜ,ପଣ୍ଡିତ ସଂଗ୍ରାମୀ ଆଚାର୍ଯ୍ୟ,ସୁବାସ ଚନ୍ଦ୍ର ପାଣି,ଅଭିମନ୍ୟୁ ଷଡଙ୍ଗୀଭୂପତି ମୋହନ ପଣ୍ଡା,ପ୍ରଦୀପ ତ୍ରିପାଠୀ,କୁଞ୍ଜବିହାରୀ ଦାସ,ବିଶ୍ୱନାଥ ଦାଓ,ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ,ପଣ୍ଡିତ ବିରେନ୍ଦ୍ର ପଣ୍ଡା,ପୂଜ୍ୟସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ,ବିଜ୍ଞାନନାନନ୍ଦ ଗିରି ନିର୍ମଳାନନ୍ଦ ଗିରି ଓ ବିଶ୍ୱନାଥ ବାବାଙ୍କ ସମେତ ବହୁ ସାଧୁସନ୍ଥ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । କଳସ ଯାତ୍ରା କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ କ୍ରିୟାଯୋଗ ସଂସ୍ଥାର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ,ମୁଖ୍ୟକର୍ତା ରଘୁନାଥ ଜେନା,ବରିଷ୍ଠ ସଭ୍ୟ ଧନେଶ୍ୱର ପତି,ନିରଞ୍ଜନ ଜେନା,ସୁବାସ ଚନ୍ଦ୍ର ସାହୁ,ଉପଦେଷ୍ଟା ପ୍ରୀୟନାଥ ରାଉତ,ସମିତିସଭ୍ୟ ନିର୍ମଳ ସାମଲ,ବନମାଳି ମଲିକ,ସୁରେନ୍ଦ୍ର ସାହୁ,ହେମନ୍ତ ସାହୁ, ଜିତେନ୍ଦ୍ର ସାହୁ ଓ ହରିହର ଜେନାଙ୍କ ସମେତ ଝାଲପଡା ପଂଚାୟତର ବହୁ ଆଧ୍ୟାତ୍ମିକ ପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବିଶ୍ୱହିନ୍ଦୁ ପରିଷଦର ସାଙ୍ଗଠାନୀକ ବୈଠକ

ଜୟପୁର, (ପି.ଏନ); ବିଶ୍ୱହିନ୍ଦୁ ପରିଷଦ, ଜୟପୁର ସଙ୍ଗଠାନିକ ଜିଲ୍ଲାର ବୈଠକ ଗୀତାଭବନ ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ବାବୁ ଭାଇ ବଜରଙ୍ଗୀଙ୍କ ସଭାପତିତ୍ୱ ରେ ଏହି ବୈଠକ ହୋଇଥିଲା । ଉକ୍ତ ବୈଠକରେ ଜୟପୁର ଜିଲ୍ଲା ଅନ୍ତର୍ଗତ ସମସ୍ତ ପ୍ରଖଣ୍ଡ ର କାର୍ଯ୍ୟକର୍ତା ଓ ଜିଲ୍ଲା ଦାୟିତ୍ୱରେ ଥିବା ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ । ପ୍ରାନ୍ତ ସଙ୍ଗଠନ ମହାମନ୍ତ୍ରୀ ସତ୍ୟନାରାୟଣ ଥନପତି ଉକ୍ତ ବୈଠକରେରେ ଆଗାମୀ ଦିନ ରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡାକ ଉପରେ ଆଲୋକପାତ କରିଥିଲେ । ଦେଶର ବର୍ତମାନ ବଦଳୁଥିବା ସ୍ଥିତି ଉପରେ ଚର୍ଚ୍ଚା କରାଯାଇଥିଲା । ଆଗାମୀ ଦିନରେ କିପରି ହିନ୍ଦୁତ୍ୱ କୁ ସମଗ୍ର ଜିଲ୍ଲାରେ କିପରି ମଜବୁତ କରିବା ।ନାରୀଶକ୍ତି କୁ କିପରି ଆହୁରି ଅଧିକ ଭାରତୀୟ ସନାତନୀ ସଂସ୍କୃତି ବିଷୟ ରେ ପ୍ରଶିକ୍ଷଣ କରିବା । ବର୍ତମାନ ଯେପରି ସମଗ୍ର ବିଶ୍ୱ ରେ ହିନ୍ଦୁ ଜାତିର ଉତ୍ଥାନ ହେଉଛି । ସମଗ୍ର ବିଶ୍ୱ ସନାତନି ହିନ୍ଦୁଙ୍କୁ ବିଶ୍ୱକଲ୍ୟାଣ ର ଏକ ମାର୍ଗ ଦର୍ଶକ ରୂପେ ଅନାଇ ବସିଛନ୍ତି ସେହି ପରିପେକ୍ଷି ରେ କିପରି ଗ୍ରାମାଂଚଳଠୁ ଆରମ୍ଭ କରି ସହରାଂଚଳରେ ହିନ୍ଦୁ ସଂସ୍କାର ଓ ସଂସ୍କୃତି ର କର୍ମଶାଳା ଅନୁଷ୍ଠିତ କରି ଆମ ଜିଲ୍ଲାର ଭାଇ ଭଉଣୀଙ୍କୁ କିପରି ସଂଗଠିତ କରିବା ଓ ଆସନ୍ତା ଦିନରେ ବିଭିନ୍ନ କାର୍ଯ୍ୟକ୍ରମର ପ୍ରତିପାଦନ କରିବା ଏହି ବୈଠକର ମୂଳ ଲକ୍ଷ୍ୟ ଥିଲା । ଦୁର୍ଗା ବାହୀନୀ, ବଜରଙ୍ଗ ଦଳ କିପରି ଆଗାମୀ ଦିନ ଗୁଡିକରେ ନିଜକୁ ସଶକ୍ତ କରିବେ ଯାହା ଫଳରେ ସନାତନ ସଂସ୍କୃତି କୁ ନଷ୍ଟ କରିବାକୁ ବସିଥିବା ମନ୍ଦ ଶକ୍ତିକୁ ଦମନ କରାଯିବ ସେ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଗୋମାତାର ଅବାଧ ଚାଳନ କୁ ରୋକିବା ପାଇଁ ଆସନ୍ତ ଦିନରେ କିପରି କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ହବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଉକ୍ତ ବୈଠକରେ ଜିଲ୍ଲା କାର ?ୟକାରୀ ସଭାପତି ଶ୍ରୀ ତେଜେଶ୍ୱର ପଣ୍ଡା, ଉପ ସଭାପତି ଶ୍ରୀ ନବକୃଷ୍ଣ ରଥ,ଜିଲ୍ଲା ସମ୍ପାଦକ କମଳକାନ୍ତ ବିଶ୍ୱାଳ ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଓ ପ୍ରାନ୍ତ ସମାଜିକ ଗଣମାଧ୍ୟମ ପ୍ରମୁଖ ଶ୍ରୀ ସାଧୁ ଚରଣ ଦାଶ ଚୌଧୁରୀ, ବିଭାଗ ସମ୍ପାଦକ ଶ୍ରୀ ଅଜିତ କୁମାର ନାୟକ,ବିଭାଗ ଧର୍ମ ପ୍ରସାର ପ୍ରମୁଖ ଶ୍ରୀ ଦୁର ?ୟୋଧନ ମାଳି,ଜିଲ୍ଲା ଗୋସେବା ପ୍ରମୁଖ ରଜନୀକାନ୍ତ ନାୟକ,ଜିଲ୍ଲା ସତସଙ୍ଗ ପ୍ରମୁଖ ଶ୍ରୀ କମଳ ଲୋଚନ ସମରଥ,ଜୟପୁର ପ୍ରଖଣ୍ଡ ଧର୍ମ ରକ୍ଷକ ଶ୍ରୀ ଭଗତ ରାମ, ବୋଇପାରିଗୁଡା ପ୍ରଖଣ୍ଡ ସଭାପତି ନିରଞ୍ଜନ ସାହୁ, କୁନ୍ଦୁରା ପ୍ରଖଣ୍ଡ ସଭାପତି ଧନୁର୍ଜୟ,କୁନ୍ଦୁରା ପ୍ରଖଣ୍ଡ ସମ୍ପାଦକ ସଭାପତି ସୁକାନ୍ତ ସାହୁ, ବୋରିଗୁମା ପ୍ରଖଣ୍ଡ ସଭାପତି ମୁରଲୀଧର ଦୋରା, ବୋରିଗୁମା ପ୍ରଖଣ୍ଡ ସମ୍ପାଦକ ସୁଜିତ କୁମାର ପଣ୍ଡାଓ ବହୁ ପଦଧିକାରି ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ନୂତନ ଭାବେ ଜୟପୁର ଜିଲ୍ଲା ସଙ୍ଗଠନ ରେ ତିନି ନୂଆ ଯୁବକ ଙ୍କୁ ନୂତନ ଭାବେ ଦାୟିତ୍ୱ ଦିଆଯାଇଛି ସେମାନେ ହେଲେ ସନ୍ତୋଷ କୁମାର ମିଶ୍ର ନୂତନ ଭାବେ ଜୟପୁର ନଗର ଉପସଭାପତି, ବିନୋଦ ଚତୁର୍ବେଦୀ ନୂତନ ଭାବେ ଜୟପୁର ନଗର ବଜରଙ୍ଗ ଦଳ ସଂଯୋଜକ, ଚନ୍ଦରେଶ ରାଠୋର ନୂତନ ଭାବେ ସହ ସଂଯୋଜକ ବଜରଙ୍ଗ ଦଳ । ବାବୁ ଭାଇ ବଜରଙ୍ଗୀ ଙ୍କୁ ନୂତନ ଭାବେ ପ୍ରାନ୍ତ ଉପସଭାପତି ଦାୟିତ୍ୱ ଉକ୍ତ ବୈଠକରେ ରେ ଥନପତି ଘୋଷଣା କଲେ ଓ ଅଜିତ କୁମାର ସାହୁ ଙ୍କୁ ନୂତନ ଜିଲ୍ଲା ସଭାପତି ଜୟପୁର ଜିଲ୍ଲା ସଙ୍ଗଠନ ଦାୟିତ୍ୱ ଘୋଷଣା କରାଗଲା ।




**2023-2024**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Wednesday March 01, 2023 ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୦୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପାରାଦୀପ ବନ୍ଦରକୁ ପୂର୍ବାଂଚଳର ଶ୍ରେଷ୍ଠ ବନ୍ଦର ପୁରସ୍କାର




ପାରାଦୀପ,(ପି.ଏନ): ଇଷ୍ଟର୍ଣ୍ଣ ଷ୍ଟାର ପୁରସ୍କାର ବିତରଣ ସମାରୋହ କୋଲକତାର ଏକ୍ସିମ୍ ଇଣ୍ଡିଆ,ସିପିଙ୍ଗ ଟାଇମ୍ସ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ପୂର୍ବାଂଚଳର କ☐ନରାଇଜ୍ କାର୍ଗୋ ପରିଚାଳନା କ୍ଷେତ୍ରରେ ପାରାଦୀପ ବନ୍ଦର ପ୍ରାଧିକରଣ ଏହି ମେଜର ପୋର୍ଟ ଅଫ ଦି ଇୟର ପୁରସ୍କାର ମିଳିଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଟ୍ରାଫିକ୍ ମ୍ୟାନେଜର ଜି.ଏଡିସନ୍ କେନ୍ଦ୍ର ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ପୂର୍ବତନ ସଚୀବ ଗୋପାଳକ୍ରିଷ୍ଣାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ବନ୍ଦରର ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ ସଂସ୍ଥାମାନଙ୍କର କଠିନ ପରିଶ୍ରମ ଯୋଗୁ ଏହି ପୁରସ୍କାର ମିଳିଥିବା କହିଛନ୍ତି ।

## ଗୁପ୍ତ ତଥ୍ୟ ଲିକ୍ ମାମଲାର ଗିରଫ ଅଧିକାରୀ ବାବୁରାମଙ୍କ ରିମାଣ୍ଡ ଅବଧିଶେଷ

ବାଲେଶ୍ୱର ,(ପି.ଏନ): ଗୁପ୍ତତଥ୍ୟ ଲିକ୍ ମାମଲାରେ ଗିରଫ ହୋଇଥିବା ଅଧିକାରୀ ବାବୁରାମ ଦେଙ୍କ ରିମାଣ୍ଡ ଅବିଧି ଆଜି ଶେଷ ହୋଇଛି । ଆଜି ଏ ସ ଡ଼ି ଜେମଙ୍କ କୋର୍ଟରେ ବାବୁରାମଙ୍କୁ ହାଜର କରାଯିବା ପରେ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଥାଉକି, ଚାନ୍ଦିପୁର ସିଓ ଆଇଟିଆରର ବରିଷ୍ଠ ଅଧିକାରୀ ବାବୁରାମ ଦେ ଙ୍କୁ ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ମାମଲାରେ ପୁଲିସ ଚଳିତ ମାସ ୨୪ ତାରିଖ ଦିନ ଗିରଫ କରିଥିଲା । ପୁଲିସ ତଦନ୍ତ ନିମନ୍ତେ ବାବୁରାମଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ଆଜି ରିମାଣ୍ଡ ଅବିଧି ଶେଷ ହେବା ପରେ ସୁରକ୍ଷା ମଧ୍ୟରେ ବାବୁରାମଙ୍କୁ କୋର୍ଟରେ ହାଜର କରାଇଥିଲା ।

# କଂଚାଲଙ୍କା ଓଟିଟି ପ୍ଲାଟଫର୍ମରେ ଏବେ ଜାତୀୟ ଆନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚିତ୍ର ଶଲାବୁଢା



ଖୋର୍ଦ୍ଧା,(ପି.ଏନ): ଲୋକପ୍ରୀୟ ନିର୍ଦ୍ଦେଶକ ସବ୍ୟସାଚି ମହାପାତ୍ରଙ୍କ ନିର୍ଦ୍ଦେଶିତ ପୁରସ୍କାର ପ୍ରାପ୍ତ ଚଳଚିତ୍ର ଶଲାବୁଢା ଫେବୃୟାରୀ ୨୭ ତାରିଖରେ ଷ୍ଟ୍ରିମିଂ ହୋଇଯାଇଛି । ଓଟିଟି ପ୍ଲାଟଫର୍ମ କଂଚାଲଙ୍କାରେ । ୧୯୩୦ ଦଶକର ରାଜା ରାଜୁଡ଼ା ଶାସନ ସମୟରେ ଏକ ଗରିବ ଗାଁ ମୁଖୀଆଙ୍କ କାହାଣୀ । କ୍ରମାଗତ ଦୁର୍ଭିକ୍ଷ ଓ ଲୋଭୀ ରାଜାଙ୍କ କବଳରୁ ଭରତରାମ କିଭଳି ନିଜ ଲୋକ ଓ ଜମି ଜମାକୁ ବଂଚାଇ ରଖିଥିଲେ ସାଧାରଣତଃ ଧାରଣା ଥାଏ ଯେ ବୃଦ୍ଧମାନେ ଅକର୍ମନ୍ୟ କିନ୍ତୁ ସେମାନେ ହିଁ ସମାଜକୁ ଦେଖାଇଥାନ୍ତି ନୂତନ ଦିଗନ୍ତ । ଶଲା ବୁଢାରେ ଘଟିଛି ଏମିତି କିଛି ଘଟଣା । ଈଶ୍ୱରଙ୍କ ଉପରେ ଆସ୍ଥା ମଣିଷ ପଣିଆ ଉପରେ ବିଶ୍ୱାସ ଦ୍ୱାରା କିଭଳି ସବୁ କିଛି ଜିତି ହୁଏ ଶଲା ବୁଢାତାର ଏକ ନିଛକ ନିର୍ଦ୍ଦେଶନ । ଏହି ଚଳଚିତ୍ରର ପ୍ରୟୋଜକ ଶୁଶାନ୍ତ ମହାପାତ୍ର ଥିବା ବେଳେ ଏହାର କାହାଣୀ ଲେଖିଛନ୍ତି କପିଳେଶ୍ୱର ମହାପାତ୍ର । ସଙ୍ଗୀତରେ ସଜେଇଛନ୍ତି ପଙ୍କଜ ଜାଲ ଓ ଘାସିରାମ ମିଶ୍ର । ଏହାର କ୍ୟାମେରା ମ୍ୟାନ ଓଁମ ପ୍ରକାଶ ମହାପାତ୍ର ଥିବା ବେଳେ ସମ୍ପାଦନରେ ରାଜେନ୍ଦ୍ର ମହାପାତ୍ର, ସଂଳାପ ଲେଖିଛନ୍ତି ଅଟଳ ବିହାରୀ ପଣ୍ଡା, ନିର୍ଦ୍ଦେଶନା ଓ ଚିତ୍ର ନାଟ୍ୟର ଦାୟିତ୍ୱରେ ଅଛନ୍ତି ସବ୍ୟସାଚି ମହାପାତ୍ର, ଏହି ଚଳଚିତ୍ରରେ ଅଭିନୟ କରିଛନ୍ତି ଅଟଳ ପଣ୍ଡା, ରତନ ମେହେର, ପୃଥିରାଜ ନାୟକ, ରୋଜି ଷଡଙ୍ଗୀ, ତପସ୍ୱିନୀ ଗୁରୁ ଓ ଅନ୍ୟମାନେ । ଏହା ପୂର୍ବରୁ ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ହୋଇଥିବା ପ୍ରତ୍ୟେକ ଚଳଚିତ୍ର ଓ ୱେବ ସିରିଜି ଲୋକାଦୃତ ହେବା ପରେ ନୂଆ ଚଳଚିତ୍ର ସଲାବୁଢାକୁ ଦର୍ଶକାଦୃତି ମିଳିବାରେ ଲାଗିଛି ।

## ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବିରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ମାନବ ଶୃଙ୍ଖଳ

ଭୁବନେଶ୍ୱର,(ପି.ଏନ): ସାମ୍ବିଧାନିକ ରୂପେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଦାବିରେ ଆଜି ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଏକ ମାନବ ଶୃଙ୍ଖଳ ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଆୟୋଜିତ ହୋଇଥିବା ଏହି ମାନବ ଶୃଙ୍ଖଳାରେ ଯୋଗ ଦେଇ ସଙ୍ଗଠନର ପ୍ରାଦେଶିକ ଅଧକ୍ଷ ବ୍ରହ୍ମାନନ୍ଦ ସାହୁ କହିଲେ ଯେ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ରଖିବା ସହ ସାମାଜିକ ସମରସତା ରକ୍ଷା କରିବାକୁ ହେଲେ ଏହାକୁ ସାମ୍ବିଧାନିକ ଭାବରେ ହିନ୍ଦୁରାଷ୍ଟ୍ର ବୋଲି ଘୋଷଣା କରିବାକୁ ହେବ ।

# ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର ଏକ କାର୍ଯ୍ୟକାରିଣୀ ବୈଠକ ତିନିମୁହାଣି ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯାଦବ ମହାସଭାର ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକାରିଣୀ ବୈଠକରେ ରାଷ୍ଟ୍ରୀୟ ଯୁବ ଯାଦବ ସଭାପତି ପ୍ରଦୀପ୍ତ କୁମାର ବେହେରା, ଜିଲ୍ଲା ପର୍ଯ୍ୟବେକ୍ଷକ ସମରଜିତ ବେହେରା, ସର୍ବ ଭାରତୀୟ ସଦସ୍ୟ ପ୍ରଫୁଲ୍ଲ ଦାସ, ନନ୍ଦଲାଲ ସିଂ ଯାଦବ, ପ୍ରୀତିରଞ୍ଜନ କାଠୁଆ, ଉପଦେଷ୍ଟା ଡଃ. ଚୌଧୁରୀ ରମାକାନ୍ତ ଦାସ, ଅଧ୍ୟାପକ ରଞ୍ଜିତ ଦାସ, ଗୋଲେଖ ମହାଭୋଇ ପ୍ରମୁଖ ଯୋଗଦେଇ ଆସନ୍ତା ମାର୍ଚ୍ଚମାସ ୨୬ତାରିଖରେ ଇଛାପୁର ରଥଦାଣ୍ଡରେ ହେବାକୁ ଥିବା ଯାଦବ ସମାବେଶ କିଭଳି ସଫଳତାର ସହ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷତଃ ଯୁବକମାନେ ସଂଗଠିତ ହୋଇ ଆଗାମୀ ଦିନରେ ଯାଦବ ସଂପ୍ରଦାୟର ସଂଗଠନକୁ ମଜଭୁତ କରିବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶେଖର ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପ୍ରସାଦ ପୃଷ୍ଟି, ବିଜୟ କୁମାର ପରିଡା, ମନୋଜ କୁମାର ପରିଡା, ସାଧାରଣ ସମ୍ପାଦକ ଚିନ୍ମୟ ଦାସ, ଉପସଭାପତି ଶ୍ରୀନିବାସ ପ୍ରଧାନ, ଯୁବ ଯାଦବ ସଭାପତି ଚି☐ରଞ୍ଜନ ଦାସ, ମହିଳା ନେତ୍ରୀ ସୁଜାତା ବାରିକ, ବ୍ଲକ ମହିଳା ସଭାପତି ମିନତୀ ଦାସ, ସମ୍ପାଦିକା ରୀନାରାଣୀ ଦାସଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ସମସ୍ତ ସଭାପତି, ସମ୍ପାଦକ ଓ ଜିଲ୍ଲା କାର୍ଯ୍ୟକାରୀ ସମିତିର ସମସ୍ତ କାର୍ଯ୍ୟକ☐ମାନେ ଉପସ୍ଥିତ ଥରଲେ । ଶେଷରେ ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଣିକ ସଂଘ ପରିସରରେ ମାଆ ଦୂର୍ଗାଙ୍କର ୧୪ ତମ ଜନ୍ମ ବାର୍ଷିକ ପାଳିତ

ପାରାଦୀପ,(ପି.ଏନ):ପାରାଦୀପର ବଡପଡିଆସ୍ଥିତ ପାରାଦୀପ ପୋର୍ଟ ବଣିକ ସଂଘ କାର୍ଯ୍ୟାଳୟ ପରିସରରେ ଅଧିଷ୍ଠାତ୍ରୀ ଦେବୀ ମାଆ ଦୂର୍ଗାଙ୍କ ୧୪ତମ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୈଦିକ ରିତି ଓ ନିତୀରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରେ କଳସାଧିବାସ, ପୂଜା ଓ ମଧ୍ୟାହ୍ନରେ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଥିଲା । ବଣିକ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ଅଂଚଳବାସୀଙ୍କ ସମେତ ବଣିକ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ ।

# କଟକ ସଦର ଥାନାରେ ଅରିଲୋ ମେଳଣ ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ଆସନ୍ତା ୫ ତାରିଖ ପବିତ୍ର ତ୍ରୟୋଦଶୀ ତିଥୀ ସନ୍ଧ୍ୟାରେ ପ୍ରସିଦ୍ଧ ଅରିଲୋ ମେଳଣ ଅନୁଷ୍ଠିତ ହେବ । ଏହା କିପରି ଶାନ୍ତି ଶୃଙ୍ଖଳା ସହିତ ପାଳନ କରାଯିବ ଏହି ପରିପ୍ରେକ୍ଷିରେ ସଦର ଥାନା ଆଇ.ଆଇ.ସି. ରଶ୍ମିରଂଜନ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କମିଶନରେଟ୍ ପୋଲିସ୍ ଅତିରିକ୍ତ ଡି.ସି.ପି. ଅନିଲ୍ ମିଶ୍ର ଉପସ୍ଥିତ ରହି କମିଶନରେଟ୍ ପୋଲିସର ମେଳଣ ଉପରେ ବିଭିନ୍ନ ନିତୀ ନିୟମ ବା କଟକଣା ଉପରେ ବିଶେଦଭାବେ ଆଲୋଚନା କରିଥିଲେ । ଡି.ଜେ. ବାଜିବାରେ ନିଷେଧ, ପାଇପ୍ ବାଣ ଫୁଟାଯାଇ ପାରିବ ନାହିଁ, ପ୍ରଶେସନ ବା ଶୋଭାଯାତ୍ରା ଯେଉଁ ଠାକୁରଙ୍କ ଆଗରେ ଆସିବ ସେମାନେ ସମସ୍ତେ ପରିମିଶନ ନେବାରେ ଆବଶ୍ୟକତା ଅଛି ବୋଲି କହିଥିଲେ ଏବଂ ଏହା ସଦର ଥାନାରେ ପରିମିଶନ ପାଇଁ ଦରଖାସ୍ତ ଦେଇପାରିବେ । ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଠାକୁର ବିମାନ ମାନେ ଯେପରି କ୍ରମ ଅନୁଶାରେ ଯିବେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶାନ୍ତି କମିଟି କର୍ମକର୍ତାଙ୍କୁ ପରାମର୍ଶ ଦେଇଥିଲେ ଏବଂ କହିଥିଲେ କି, ଯେଉଁ ଠାକୁରଙ୍କ ବିମାନ ଶାନ୍ତି ଶୃଙ୍ଖଳା ସହିତ ପ୍ରଶେସନ କରିବ ସେହି କର୍ମକର୍ତାଙ୍କୁ ପୁରସ୍କୃତ କରାଯିବ, କେହି ଯେପରି ନିଶା ସେବନ କରି ନଆସିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଏ.ସି.ପି. ଚନ୍ଦନ ଘଡେଇ ଶାନ୍ତିଶୃଙ୍ଖଳା ସହିତ ମେଳଣ ଅତି ଶରସ ସୁନ୍ଦର କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ବୈଠକରେ ଯୁଧିଷ୍ଠିର ଭୋଳ, କିଶୋର ମହାପାତ୍ର, ଲଳିତ କୁମାର ଦାଶ, ଅଜୟ କୁମାର ବେଉରା, ବରଦା ପ୍ରଶାଦ ବେଉରା, ପ୍ରଣବ ପଟ୍ଟନାୟକ, ଅଶୋକ କୁମାର ରଥ, ପ୍ରଶାନ୍ତ କୁମାର ଦାଶ, ପରେଶ ମଙ୍ଗରାଜ, ଗୋପାଳ ମିଶ୍ର, ସୁନ୍ଦର ପବିତ୍ର ଦାସ, ଯଜ୍ଞେଶ୍ୱର ଶତପଥୀ, ପର୍ଶୁରାମ ସେନାପତି, ପ୍ରଶାନ୍ତ କୁମାର ନାୟକ, ଅଜୟ କୁମାର ବେହେରା, କାହ୍ନୁଚରଣ ପାତ୍ର, ଉମେଶ ମଙ୍ଗରାଜ ଏହିପରି ୫୦ରୁ ଉର୍ଦ୍ଧ ଠାକୁରଙ୍କ ମାର୍ଫତଦାର, ମୁରବୀ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ ।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ (INTUC)ର ୩୩ ତମ ଜାତୀୟ ସମ୍ମିଳନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି



ଭୁବନେଶ୍ୱର,(ପି.ଏନ) : ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ୩୩ ତମ ଜାତୀୟ ସମ୍ମିଳନୀ ଦିଲ୍ଲୀର ତାଲକୋଟରା ଷ୍ଟାଡ଼ିୟମ ଠାରେ ୨୨ - ୨୩ ଫେବୃୟାରୀ ୨୦୨୩ ରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷ ଶ୍ରୀଯୁକ୍ତ ମଲ୍ଲିର୍କାଜୁନ ଖର୍ଗେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କଂଗ୍ରେସ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଦୀର୍ଘ ଦନର ସମ୍ପର୍କ ଠାରୁ ଆରମ୍ଭ କରି ସ୍ୱାଧିନତା ଆନ୍ଦୋଳନରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଭୂମିକାକୁ ପ୍ରଶଂସା କରିଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁହେବାକୁ ଯାଉଥିବା ୪ ଟି ଲେବର କୋର୍ଡ଼କୁ ସମାଲୋଚନା କରିବା ସହିତ ବର୍ତମାନ ପ୍ରଚଳିତ ୪୨ ଟି ଲେବର ଆକ୍ଟକୁ ଉଚ୍ଛେଦ କରି ମୋଦି ସରକାର ଦେଶର ଶ୍ରମଜୀବିମାନଙ୍କୁ ଗଣ ହତ୍ୟା କରିବାକୁ ପ୍ରୟାସ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ୪ ଟି ଲେବର କୋର୍ଡ଼ ପ୍ରଚଳିତ କେବଳ ନାମିଦାମି କର୍ପୋରେଟ ମାନଙ୍କ ପାଇଁ ଉର୍ଦ୍ଧିଷ୍ଟ । ଏହାଦ୍ୱାରା ଶ୍ରମିକମାନେ ପ୍ରତାରିତ ହେବେ ଓ ଦେଶର ଶ୍ରମିକମାନେ ସେମାନଙ୍କ ସାଂଗଠାନିକ ଅଧିକାର ହରାଇ ବସିବେ । ଡଃ ଖୁଣ୍ଟିଆ ମଧ୍ୟ ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆଇ.ଏଲ୍.ଓ ଶ୍ରମିକ ମାନଙ୍କର ଏକ ମୌଳିକ ଅଧିକାର ବୋଲି ନିଷ୍ପତି କରିଥିବା ସ୍ଥଳେ ଆମ କେନ୍ଦ୍ର ସରକାର ଏହାକୁ ପାର୍ଲାମେଂଟ ମାଧ୍ୟମରେ ମଞ୍ଜୁରି କରିବା ପାଇଁ ଦାବୀ କରିଥିଲେ । ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ ଦେଶରେ କାର୍ଯ୍ୟରତ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକୁ ଘରୋଇକରଣ ନ କରିବା ପାଇଁ ଦାବୀ କରିଥିଲେ । ସେ ନାଲ୍‌କୋର ଅତିତରେ ପ୍ରସ୍ତାବିତ ଘରୋଇକରଣ ପ୍ରକ୍ରିୟାକୁ ଆଲୋଚନା କରି ମତବ୍ୟକ୍ତ କରିଥିଲେ ଯେ, ୨୦୦୧ ମସିହାରେ ତତ୍‌କାଳୀନ ଏନ୍.ଡ଼ି.ଏ. ସରକାର ନାଲ୍‌କୋକୁ ସମ୍ପୂର୍ଣ୍ଣ ଘରୋଇକରଣ କରିବାର ଶେଷ ନିଷ୍ପତ୍ତି ନେଉଥିଲେ । ସେତେବେଳେ ନାଲ୍‌କୋକୁ ଶାଗମାଛ ଦରରେ ବିକ୍ରି କଲାଭଳି ୨୭ ଶହ କୋଡି ଟଙ୍କାରେ ବିକ୍ରି କରିବାକୁ ମଧ୍ୟ ନିଷ୍ପତ୍ତି ସରିଥିଲା । କେବେଳ ନାଲ୍‌କୋ କର୍ମଚାରୀ ସମୂହ, ଓଡ଼ିଶାରେ କାର୍ଯ୍ୟରତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ସମୂହ ସାରା ଓଡ଼ିଶାବାସୀ ଓ ଓଡ଼ିଶା ସରକାରଙ୍କ ବିରୋଧ ପରେ ଏନ୍.ଡ଼ି.ଏ ସରକାର ଉକ୍ତ ପକ୍ରିୟାରୁ ନିବୃତ ରହିଥିଲେ । ଆଜି ଦୀର୍ଘ ୨୨ ବର୍ଷ ପରେ ନାଲ୍‌କୋ ତା'ର ଲାଭାଂଶରୁ ପ୍ରାୟ ୪୦ ହଜାର କୋଟି ଟଙ୍କା, ବିଭିନ୍ନ ଟ୍ୟାକ୍ସ ଓ ରୟାଲଟି ବାବଦରେ ଆନୁମାନିକ ୬୦ ହଜାର କୋଟି ଟଙ୍କା ଏବଂ ନାଲ୍‌କୋର ଅଂଶଧନକୁ ବିଭିନ୍ନ ସମୟରେ ବିକ୍ରି କରି ପ୍ରାୟ ୩୦ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ହାସଲ କରିଛନ୍ତି । ଏ ସବୁକୁ ମିଶାଇଲେ ଆନୁମାନକ ଏକ ଲକ୍ଷ ତିରିଶ ହଜାର କୋଟିରୁ ଅଧିକ ଅର୍ଥ କେନ୍ଦ୍ର ସରକାର ପାଇଛନ୍ତି । ତେଣୁ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ପ୍ରକ୍ରିୟା ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିବ ବୋଲି ଶ୍ରୀ ଧଳ ମତ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ଏ.ଆଇ.ସି.ପି.ଆଇ ମାଧ୍ୟମରେ ସରକାର ପ୍ରଦାନ କରୁଥିବା ମହଙ୍ଗାଭତା ହିସାବକୁ ପରିବର୍ତନ କରିବା ଦ୍ୱାରା ବଜାର ଦର ଅନୁସାରେ କର୍ମଚାରୀମାନେ ସଠିକ୍ ମହଙ୍ଗଭତା ପାଇବାରୁ ବଂଚିତ ହେଉଛନ୍ତି । ତେଣୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତୁରନ୍ତ ଏ ବାବଦରେ ହସ୍ତକ୍ଷପ କରି ଶ୍ରମିକ କର୍ମଚାରୀମାନଙ୍କୁ ଉଚିତ୍ ମହଙ୍ଗାଭତା ପ୍ରଦାନ କରନ୍ତୁ । ୨୦୧୪ ମସିହାରୁ କର୍ମଚାରୀ ମାନଙ୍କର ଗଚ୍ଛିତ ଛୁଟି ଅର୍ଥରାଶିକୁ ସମ୍ପୂର୍ଣ୍ଣ କର ମୁକ୍ତ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପ୍ରୟାସ ଜାରି ରଖିଥିଲା ଏବଂ ସଭାପତି ଡଃ ସଞ୍ଜିବା ରେଡ୍ଡି ଓ ଉପସଭାପତି ଡଃ ରାମଚନ୍ଦ୍ର ଖୁଂଟିଆଙ୍କ ସେ ସମୟରେ ପ୍ରେରିତ ପତ୍ର ଆଜି ସାକାର ହୋଇଛି । ଆଜି ପ୍ରତ୍ୟେକ କର୍ମଚାରୀମାନଙ୍କର ଅବସର ସମୟରେ ଗଚ୍ଛିତ ଛୁଟିର ପଇସାକୁ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂପୂର୍ଣ୍ଣ କର ମୁକ୍ତ କେନ୍ଦ୍ର ସରକାର କରିଛନ୍ତି । ତେଣୁ ଶ୍ରୀ ଧଳ ଉଭୟ ସଭାପତି ଶ୍ରୀ ସଞ୍ଜିବା ରେଡ୍ଡି ଓ ଉପସଭାପତି ଡଃ ରାମଚନ୍ଦ୍ର ଖୁଂଟିଆଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଉକ୍ତ ଅଧିବେଶନରେ ଆମ ଓଡ଼ିଶା ରାଜ୍ୟରୁ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଜାତୀୟ ଉପସଭାପତି, ଶ୍ରୀ କିଶୋର ଜେନା ସମ୍ପାଦକ,ମଦନ ମେହନ ଧଳ, ନିର୍ମଳ ସାମଲ, ଶ୍ୟାମ ସୁନ୍ଦର ମହାପାତ୍ର, ସୌଭାଗ୍ୟ ପ୍ରଧାନ, ସତ୍ୟାନନ୍ଦ ସାହୁ - ସାଂଗଠନ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ତେଣୁ ଆଗାମି ଦିନରେ ଓଡ଼ିଶାର ପ୍ରତିନିଧିମାନେ ଅନେକ ସକରାତ୍ମକ କାର୍ଯ୍ୟ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପରିସିମା ବୃଦ୍ଧି କରି ପାରିବେ ବୋଲି ଶ୍ରୀ ମଦନ ମୋହନ ଧଳ ମତ ପ୍ରକାଶ କରିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray